## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ବିଜେଡିର ପ୍ରତିଷ୍ଠା ଦିବସରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବିଜୁ ପଟ୍ଟନାୟକ ପାର୍କ, ସକାଳ ୯ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବାର୍ଷିକ ଜାତୀୟ ସମ୍ମିଳନୀ, ନ୍ୟୁ କନଭୋକେଶନ ହଲ୍, ପୂର୍ବାହ୍ନ ୧୦ଟା।
- କଥାରେ ମହାଭାରତ ପୁସ୍ତକର ଲୋକାର୍ପଣ ଉତ୍ସବ, ଗୌରୀ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ସେବାଦଳ ପକ୍ଷରୁ ସଦ୍‌ଭାବନା ରାଲି, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ୫୯ତମ ରାଜ୍ୟସ୍ତରୀୟ ସମ୍ମିଳନୀ, ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ପୂର୍ବାହ୍ନ ୧୧ଟା ୩୦।
- ବିନ୍ଦୁ ସାହିତ୍ୟ ସମାଜ, ଭୁବନେଶ୍ୱରର ବାର୍ଷିକୋତ୍ସବ, ପ୍ରତିଭା ସମ୍ମାନ ଓ କବିତା ପାଠୋତ୍ସବ, ଲୋହିଆ ଏକାଡେମୀ ସଭାଗୃହ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ମେଡିଆ ପକ୍ଷରୁ ୪ର୍ଥ କୋରାପୁଟ ସାହିତ୍ୟ ଉତ୍ସବ, ହୋଟେଲ ଏକ୍ସଲାନ୍ସି, ସନ୍ଧ୍ୟା ୬ଟା।
- ପଞ୍ଚଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ସାର୍ବଜନୀନ ହୋଇନି କମିଶନ ରିପୋର୍ଟ

**ପୁରୀ ଅଫିସ,୨୫।୧୨**




ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପୁରୀ ଜିଲା ପ୍ରଶାସନର ତଥ୍ୟ ମେଳ ଖାଉ ନ ଥିବାବେଳେ ରଘୁବୀର ଦାସ କମିଶନ ରିପୋର୍ଟକୁ ସାର୍ବଜନୀନ କରିବା ଦାବି ଜୋର ଧରୁଛି। ଚାବି ହଜିବା ଘଟଣା ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଏକ ନାଟକ ଥିଲା ଅଥବା ବାସ୍ତବରେ ଚାବି ହଜିଥିଲା ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଅନ୍ୟପକ୍ଷରେ ରଘୁବୀର ଦାସ କମିଶନ ରିପୋର୍ଟ ସାର୍ବଜନୀନ ନ ହେବା, ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିଲେ ମଧ୍ୟ ଖୋଲାଯାଇ ମରାମତି ନ କରାଯିବା ଭଳି ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ଆଙ୍ଗୁଳି ଉଠାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ରଘୁବୀର ଦାସ କମିଶନଙ୍କୁ କେଉଁ କେଉଁ ତଥ୍ୟ, ଚିଠି ଓ ଦସ୍ତାବିଜ୍ ପ୍ରଦାନ କରିଛନ୍ତି ସେନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ତାହା ମିଳୁନାହିଁ। ବିଧାନସଭାରେ ଏହି ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାରୁ ଏ ସମ୍ପର୍କିତ ସୂଚନା ଦିଆଯାଇପାରିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ତେବେ ୨୦୧୮ ଜୁନ ୪ରେ ମୁଖ୍ୟମନ୍ତ୍ରୀ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ନିଯୁକ୍ତ କରିଥିଲେ। ୩ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ନିର୍ଦ୍ଧାରିତ ସମୟସୀମାରେ ତଦନ୍ତ ନ ସରିବାରୁ ଏହାକୁ ଆହୁରି ୩ ମାସ ସଂପ୍ରସାରଣ କରାଯାଇଥିଲା। ଶେଷରେ ୨୦୧୮ ନଭେମ୍ବର ୨୮ରେ ତଦନ୍ତ କମିଶନ ୩୨୪ ପୃଷ୍ଠାର ରିପୋର୍ଟ ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୨୨ଲକ୍ଷ ୨୭ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ତଦନ୍ତ ରିପୋର୍ଟ ପ୍ରଦାନ କରାଯିବାର ୩ବର୍ଷ ବିତିଯାଇଥିଲେ ମଧ୍ୟ ଏହା ବିଧାନସଭାରେ ଉପସ୍ଥାପିତ ହୋଇପାରିନାହିଁ। ଫଳରେ ରାଜ୍ୟବାସୀ ଏହି ରିପୋର୍ଟ ସମ୍ପର୍କରେ ଜାଣିବାରେ ବିଫଳ ହେଉଛନ୍ତି। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ଚାବି ପ୍ରସଙ୍ଗରେ ବାସ୍ତବରେ କ'ଣ ଘଟିଥିଲା, କାହାର ଦୋଷ ଥିଲା ଓ ଚାବି କିପରି ହଜିଲା ଭଳି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ମିଳିନାହିଁ। ସରକାର ରିପୋର୍ଟ ନିଜ ପାଖରେ ରଖିବା ଉଦ୍ଦେଶ୍ୟରେ ତଦନ୍ତ କମିଶନ ବସାଇଥିବା ଭଳି ଅନୁଭବ ହେଉଛି। ରିପୋର୍ଟ ସମ୍ପର୍କରେ ଜାଣିବାର ଅଧିକାର ପ୍ରତିଟି ଓଡ଼ିଆଙ୍କର ରହିଛି ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଲାଗୁ କରି ରାଜ୍ୟବାସୀଙ୍କର ଅଧିକ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଛନ୍ତି। ଏଭଳି ସ୍ଥଳେ ଚାବି ହଜିବା ଘଟଣାରେ ପାରିଦର୍ଶିତା ଦେଖାଉନାହାନ୍ତି କାହିଁକି ତାହା ବୁଝାପଡୁନାହିଁ। ରାଜ୍ୟ ସରକାର ତୁରନ୍ତ ରିପୋର୍ଟ ସାର୍ବଜନୀନ କରି ନିଜର ନିର୍ଦ୍ଦୋଷତାର ପ୍ରମାଣ କରନ୍ତୁ ବୋଲି ବରାଳ କହିଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା 'କଳ୍ପନା', କ୍ଷୁଦ୍ରକାବ୍ୟ 'ମୃଗ ମହାଦେବ ଚରିତ' ଉନ୍ମୋଚନ କରୁଛନ୍ତି।

## ଓଡ଼ିଆଣୀ ବେଶରେ ଓଡ଼ିଆ ଘରର କଥା କହିଲେ

**ସଂଭାବନାର ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ସରିଲା**

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ସଂଭାବନା ପକ୍ଷରୁ ୟୁନିଟ-୨ ପ୍ରାଥମିକ ବିଦ୍ୟାଳୟ ମୁକ୍ତାକାଶ ମଞ୍ଚରେ ଚାଲିଥିବା ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥା, ପରମ୍ପରା ଓ ପରିପାଟୀ ମଧ୍ୟରେ ବଞ୍ଚି ରହିଥିବା ଓଡ଼ିଆଙ୍କ ପରିଚୟ ସହ ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଲକ୍ଷ୍ୟରେ ଏପରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲ। ଅନ୍ତିମ ପର୍ଯ୍ୟାୟ ପୁରାଣ ଆବୃତ୍ତିରୁ ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ଭାଗନେଇଥିବା ଓଡ଼ିଆଣୀମାନେ ପାରମ୍ପରିକ ବେଶ ପୋଷାକ ପରିଧାନ କରି ଓଡ଼ିଆ ଘରର କଥା କହିଥିଲେ। ଜଣକ ପରେ ଜଣେ ମଞ୍ଚକୁ ଆସି ଓଡ଼ିଆ ପରମ୍ପରା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମଞ୍ଚରୁ ବିଦାୟ ନେଉଥିଲେ। ସେହିଭଳି ପାରମ୍ପରିକ ସଙ୍ଗୀତ ଗାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମଞ୍ଚକୁ ମୁଖରିତ କରୁଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପିପୁଲ୍‌ସ ଫର୍ ଆନିମଲର ସମ୍ପାଦକ ଜୀବନ ବଲ୍ଲଭ ଦାସ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ ଓ ଓଡିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ ଯୋଗଦେଇଥିଲେ। ଆସନ୍ତା ମକର ସଂକ୍ରାନ୍ତରେ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା।

## ପିସିଆର କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

**ଯାଁଳା,୨୫।୧୨(ଡି.ଏନ୍.ଏ.):** ଯାଁଳା ଫାଣ୍ଡି ପିସିଆର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଶନିବାର ଯାଁଳା ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଙ୍ଗପଡ଼ା ଗ୍ରାମର ଚନ୍ଦନ ପାଇକରାୟ। ସୂଚନା ମୁତାବକ, ଗତ ୨୨ତାରିଖ ସନ୍ଧ୍ୟା ୭ଟା ୩୦ରେ ୧୬ନଂ. ଜାତୀୟ ରାଜପଥ ଗଙ୍ଗପଡା ଛକ ନିକଟରେ ଏକ ସ୍କୁଟିକୁ କାର ଧକ୍କା ଦେଇ ରାସ୍ତା ମଝିରେ ରହିଯାଇଥିଲା। ଖବରପାଇ ଯାଁଳା ପିସିଆର-୩୨ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ରାସ୍ତା ମଝିରୁ ହଟାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଗଙ୍ଗପଡାର ୩ଜଣ ଯୁବକ ପହଞ୍ଚି ରାସ୍ତାରୁ ଗାଡ଼ି ନ ହଟେଇବା ଲାଗି କହିବା ସହ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୮୫/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ଚନ୍ଦନକୁ ଗିରଫ କରାଯାଇଥିବା ବେଳେ ଆଉ ୨ ଅଭିଯୁକ୍ତଙ୍କୁ ଖବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

## ମାନିଲେନି, ପୁଣି ନାଚଗୀତରେ ମସ୍‌ଗୁଲ ଛାତ୍ରୀଛାତ୍ର

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ, ୨୫।୧୨**



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପୁଣିଥରେ କୋଭିଡ୍ ନିୟମ ଉଲ୍ଲଂଘନ କରି ନାଚଗୀତରେ ମସ୍‌ଗୁଲ ଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବୁଧବାର ବାର୍ଷିକ କ୍ରୀଡା ଉତ୍ସବ ଶେଷ ହେବା ପରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଗୀତର ତାଳେ ତାଳେ ନାଚିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଶୁକ୍ରବାର ବିଶ୍ୱବିଦ୍ୟାଳୟ କ୍ରୀଡା କମିଟିକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହି ଘଟଣାକୁ ନେଇ ଉପୁଜିଥିବା ବିବାଦର ଅନ୍ତ ନ ଘଟୁଣୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁନର୍ବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବହୁସଂଖ୍ୟକ ଛାତ୍ରୀଛାତ୍ର ନାଚଗୀତରେ ମାତିଥିଲେ। କାହାକୁ ଖାତିର ନା କୋଭିଡ୍ କଟକଣାକୁ ଡରଥିବା ଭଳି ମନେ ହେଉ ନ ଥିଲା। ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ର କୋଭିଡ୍ ନିୟମ ଉଲ୍ଲଂଘନ କରିଥିବାବେଳେ ପୁଣିଥରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ ପ୍ରୀତିରେଖା ଦାସ ପଟ୍ଟନାୟକ କହିଛନ୍ତି, ଏହି କାର୍ଯ୍ୟକ୍ରମ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନେଇ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦିଆଯାଇ ନାହିଁ।

## ଚାଇଲ୍ଡ ଫଣ୍ଡ୍ ଇଣ୍ଡିଆ ପକ୍ଷରୁ ସାଇକେଲ ବଣ୍ଟନ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ) :** ଚାଇଲ୍ଡ ଫଣ୍ଡ୍ ଇଣ୍ଡିଆ ଭୁବନେଶ୍ୱର ସହରାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ୮ଟି ବସ୍ତିର ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ନିରାପତ୍ତା ପାଇଁ ସ୍ୱେଚ୍ଛାକୃତ ଭାବେ କାମ କରୁଥିବା ୧୪ଜଣ ମା'ଙ୍କୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ସାଇକେଲ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଅକ୍ଷୟ ରାଉତ, ଶିବପ୍ରସାଦ ବେହେରା, ଶାନ୍ତରାମ ନନ୍ଦ, ରାକ୍ଷୀ ସାହୁ, ପ୍ରଜ୍ଞା ମିଶ୍ର ଓ ଏଲ୍.କୁନ୍‌ମୁନ୍ ଦୋରା ଉପସ୍ଥିତ ଥିଲେ।

## ସୌନ୍ଦର୍ଯ୍ୟ ନୁହେଁ, ଭାଷାର ପୁନଃ ନିର୍ମାଣ କବିତାର ବଡ଼ କଥା

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

**ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଓ କବିସନ୍ଧି କାର୍ଯ୍ୟକ୍ରମ**

କେବଳ ସୌନ୍ଦର୍ଯ୍ୟ ରକ୍ଷା ନୁହେଁ, ଭାଷାର ପୁନଃ ନିର୍ମାଣ ହେଉଛି କବିତାର ସବୁଠୁ ବଡ଼ କଥା। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଏହା କହିଛନ୍ତି। ସେ କହିଲେ, ପ୍ରେରଣାବାଦ ହେଉଛି କବିର ଦାୟିତ୍ୱହୀନତା। ଏଥିରେ ସେ ପୂର୍ଣ୍ଣ ବିଶ୍ୱାସୀ ନୁହନ୍ତି। ପ୍ରେରଣା କବିତାର ଉତ୍ସ ହେଲେ କବିକୁ ତା'ର ଅନୁଭବ ଦେଇ କବିତାର ରୂପ ଦେବାକୁ ପଡ଼ିଥାଏ। ଏହି ଅବସରରେ ଏକାଡେମୀ ପକ୍ଷରୁ ଡ. ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ କବି ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହ ସଦ୍ୟ ରଚିତ କବିତା ପାଠ କରିଥିଲେ। ଏଥିସହ ସାରସ୍ୱତ ଯାତ୍ରାରେ ସମ୍ମୁଖୀନ ହୋଇଥିବା ବାଧା ବିଘ୍ନ ଓ ସଂଘର୍ଷର କଥା କହିବା ସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିସହ ପ୍ରସିଦ୍ଧ କାବ୍ୟଗ୍ରନ୍ଥ 'ବସୁଷେଣ'ର ହିନ୍ଦୀ ଅନୁବାଦ ଲୋକାର୍ପିତ ହୋଇଥିଲା। ଅନୁବାଦକ ବିଶ୍ୱ ଭାରତୀର ହିନ୍ଦୀ ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର ପୁସ୍ତକ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ରାଧାନାଥ ରଥ ଜନ୍ମ ବାର୍ଷିକୀ ଆଲୋଚନାଚକ୍ର ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ଏହାକୁ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି କହିଲେ, ଓଡ଼ିଆ ଜାତି ପ୍ରଫେସର ରାଧାନାଥ ରଥଙ୍କୁ କୃତଜ୍ଞତା ଜଣାଇବା ପାଇଁ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବାର ଆବଶ୍ୟକତା ଥିଲା। ସେ ଥିଲେ ଜଣେ ସଫଳ କାହାଣୀର ନାୟକ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ। ଓଡ଼ିଆ ଭାଷା ପରାମର୍ଶ ବୋର୍ଡର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବାବେଳେ ଏକାଡେମୀର ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଓ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟା ପ୍ରଫେସର ସଙ୍ଗୀତା ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ କୁମାର ମହାନ୍ତି ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶାନ୍ତନୁ କୁମାର ରଥ ଓ ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବିଦ୍ୟୁତପ୍ରଭା ସାହୁ, ଶିଶିର ବେହେରା, ସାୟନ୍ତନୀ ବେହୁରା ଓ ସଂଘମିତ୍ରା ଭଞ୍ଜ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବୋର୍ଡ ସଦସ୍ୟ କ୍ଷେତ୍ରବାସୀ ନାଏକ, ପ୍ରଫେସର ବିଷ୍ଣୁପ୍ରିୟା ଓତା ଓ ଡ. ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଦେଶର ବିଭିନ୍ନ ଆଞ୍ଚଳିକ ଭାଷାର କବିମାନେ ଏଥିରେ ଯୋଗଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଅଂଶୁମାନ



@ ସୀତାକାନ୍ତ



@ ସୁରେନ୍ଦ୍ର



@ ସୋନାଲି



@ ବାସନ୍ତୀ



@ ସୁମନ୍ତ

## ପ୍ରତିଭା ଦେଖାଇଲା କାର୍ନିଭାଲ 'ଗାଲା'

**ଭୁବନେଶ୍ୱର,୨୫।୧୨**

ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ (ବିଏମ୍‌ପିଏସ୍) ତକ୍ଷଶୀଳା ଓ ଭୁବନେଶ୍ୱର କ୍ଲବ୍‌ର ମିଳିତ ସହଯୋଗରେ ଶୁକ୍ରବାର କାର୍ନିଭାଲ୍ ଗାଲା କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଓ କଟକର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୋଭିଡ୍ ଯୋଗୁ ଛାତ୍ରୀଛାତ୍ରମାନେ ବହୁଦିନ ଧରି କୌଣସି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନ ଥିଲେ। ଏହାକୁ ନଜରରେ ରଖି ଉଭୟ ସଂସ୍ଥା ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଚେସ୍, କୁଇଜ୍, ଚିତ୍ରାଙ୍କନ, ପେଣ୍ଟିଂ, ଡ୍ୟାନ୍ସ, ଟେବୁଲ ଟେନିସ୍ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମନୋଜ୍ଞ ପରିବେଶ ସୃଷ୍ଟି ସାଙ୍ଗକୁ ଅଭିଭାବକ ଓ ପିଲାମାନେ ରଙ୍ଗୋଲି, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତାରେ ଭାଗନେଇ ପୁରସ୍କାର ଜିତିଥିଲେ। କ୍ଲବ ସଭାପତି ଅସିତ ତ୍ରିପାଠୀ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିବା ସହ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ଲିପ୍ସିତା ମହାନ୍ତି ଧନ୍ୟବାଦ ଜଣାଇଛନ୍ତି।



ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରୀ ନିର୍ମାଣକୁ ପୁରୀ ସୁଜାତାନଗର ଫେଜ୍-୨ ବାସିନ୍ଦା ବିରୋଧ କରି ଶନିବାର ସମ୍ପୃକ୍ତ ସ୍ଥାନରେ ଧାରଣା ଦେଇଛନ୍ତି।



ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ପୁରୀ-କୋଣାର୍କ ବେଳାମାର୍ଗରେ ଶନିବାର ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ): ନୟାପଲ୍ଲୀ ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ଲୁଟେରା। ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ ବରମୁଣ୍ଡା ଜଗନ୍ନାଥ ବିହାରରେ ରହୁଥିବା ଝରଣା ମହାନ୍ତି (୪୧)। ଏନେଇ ଝରଣା ଥାନାରେ ଅଭିଯୋଗ କରିବା ସହ ଲୁଟେରାଙ୍କ ଗାଡିର ନମ୍ବର ମଧ୍ୟ ପୋଲିସକୁ ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଝରଣା ଶନିବାର ବରମୁଣ୍ଡା ଫାୟାରଷ୍ଟେଶନ ଦେଇ ସ୍କୁଟିରେ ଯାଉଥିଲେ। ନୟାପଲ୍ଲୀ ଦୁର୍ଗାମଣ୍ଡପ ଛକ ନିକଟରେ ଗୋଟିଏ କଳା ପଲସରରେ ୨ଜଣ ଲୁଟେରା ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଉଥିବାବେଳେ ଝରଣା ବାଧା ଦେଇଥିଲେ। ହେଲେ ଲୁଟେରାଦ୍ୱୟ ତାଙ୍କୁ ଧକ୍କା ମାରି ଚମ୍ପଟ ମାରିଥିଲେ।

### 'ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ' ଲୋକାର୍ପିତ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ): ବଡ଼ଦିନ ଅବସରରେ ଶନିବାର ଟାଇମ୍ ପାସ ପ୍ରକାଶନ ତରଫରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ଡ. ଅର୍ଚ୍ଚନା ନାୟକ ଓ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ମିନତୀ ମିଶ୍ରଙ୍କ ଷଷ୍ଠ କବିତା ସଙ୍କଳନ 'ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ'କୁ ଲୋକାର୍ପଣ କରିଥିଲେ। ଡ଼. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରକାଶକ ସରୋଜ ବଳ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ଶାନ୍ତି ମହାନ୍ତି ଲୋକାର୍ପିତ ପୁସ୍ତକର ଶୀର୍ଷକ ଗୀତଟିକୁ ଗାୟନ କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ଅବିନାଶ ସାହୁ ଓ ଅରୁଣ ଦାସ।

### ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ): ସ୍ଥାନୀୟ ଶ୍ରୀ ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୭୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାତ୍ରପଡାସ୍ଥିତ ଦିବ୍ୟଜ୍ୟୋତି କନ୍ୟାଶ୍ରମରେ ଶୀତବସ୍ତ୍ର ବିତରଣ ଓ ଜଳପାନର ବ୍ୟବସ୍ଥା ହୋଇଥିଲା। କନ୍ୟାଶ୍ରମର ପିଲାମାନେ 'ପରୀ' ଶୀର୍ଷକକୁ ନେଇ ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି, ରାଜ୍ୟ ସରକାରଙ୍କ ଶିଶୁ କଲ୍ୟାଣ ସମିତିର ବିଶେଷଜ୍ଞ ଡ.ଟୁନା ସାହୁ, ଟ୍ରଷ୍ଟର ସଦସ୍ୟ ମାନସ ବସ୍ତିଆ ଓ ସୌରା ସଚିନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। କନ୍ୟାଶ୍ରମର ସଚିବ ଶୈଳବାଳୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ

ଫୁଲନଖରା,୨୫।୧୨(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଟ୍ରାଫିକ ଛକ ନିକଟ ରାସ୍ତାପାର୍ଶ୍ୱରୁ ଶନିବାର ପୋଲିସ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ଟ୍ରାଫିକ ଛକ ନିକଟ ରାସ୍ତାପାର୍ଶ୍ୱରେ ସ୍ଥାନୀୟ ବ୍ୟବସାୟୀ ଦୋକାନ କରିଥିବାରୁ ଲୋକଙ୍କ ଭିଡ ଜମିବା ସହ ରାସ୍ତାରେ ଗାଡିଗୁଡିକ ଅଟକି ରହୁଥିଲା। ଫଳରେ ଯାତାୟତରେ ସମସ୍ୟା ହେଉଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଅତିରିକ୍ତ ଆଇଆଇସି ଅନିତା ସାହୁ, ଏସ୍ଆଇ ବବିତା ସାହୁଙ୍କ ସହ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ।

# 'ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମି ଫେରାଅ'

- ଦାବି ରଖିଲେ ଜଟଣୀ ବିଧାୟକ
- ଏପ୍ରିଲ ୧ରେ ନବୀନ ନିବାସ ଘେରାଉ ଚେତାବନୀ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

୨୦୧୨ ମସିହାରେ ଜଣେ ସେଟେଲମେଣ୍ଟ ଅଫିସର ଜଟଣୀ ମ୍ୟୁନିସିପାଲିଟି ଓ ତା'ର ପାର୍ଶ୍ୱବର୍ତ୍ତୀ ପ୍ରାୟ ୨୬ ଗ୍ରାମର ପୈତୃକ ସ୍ଥିତିବାନ ଭୂସମ୍ପତ୍ତିକୁ ଭୁଲ୍ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେଇଥିଲେ। ସେବେଠାରୁ ଦୀର୍ଘ ୯ ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିଜମାକୁ ପୁନଶ୍ଚ ନିଜ ନାମରେ ଫେରାଇ ଆଣିବା ପାଇଁ ଆମେ ସଂଘର୍ଷ କରି ଆସୁଛୁ। ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମିକୁ ଆମକୁ ଫେରାଇ ଦିଅ ବୋଲି ଦାବି କରୁଛୁ। ମାତ୍ର ରାଜ୍ୟ ସରକାର ଆମର ଦୁଃଖକୁ ଶୁଣୁନାହାନ୍ତି ବୋଲି ଜଟଣୀ ବିଧାୟକ ତଥା ଜଟଣୀ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ପ୍ରଜାମଞ୍ଚର ଆବାହକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ଗୁଆଝରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ଜଟଣୀବାସୀଙ୍କ ପାଇଁ ବିଜେଡି ସରକାର ବ୍ରିଟିଶ ସରକାର ସଦୃଶ। ରାଜ୍ୟ ସରକାରଙ୍କ ଏଭଳି ଭୁଲ୍ ପାଇଁ ଜଟଣୀ ମ୍ୟୁନିସିପାଲିଟି ଓ ତା'ର ପାର୍ଶ୍ୱବର୍ତ୍ତୀ ଗ୍ରାମ ବେରୁଆଁ, ଭଁସର, ବାଇରଙ୍ଗ, ହରିରାଜପୁର, ବୁଢ଼ାପଡ଼ା, ନିରଞ୍ଜନପୁର, କନ୍ତିଆ, ରଥିପୁର, କୁଶମାଟି, ଛଣଘର, କୁଦିଆରି, ରାମଚନ୍ଦ୍ରପୁରର ଆଦି ୨୬ ଗ୍ରାମର ୨ ଲକ୍ଷ ଲୋକ ୯ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାର ଅର୍ଥ ଆମ ସ୍କୁଲଘର, ଖେଳପଡିଆ, ଡାକ୍ତରଖାନା, ରାସ୍ତାଘାଟ, ପାଠାଗାର, କମ୍ୟୁନିଟି ସେଣ୍ଟର, ଭାଗବତ ଟୁଙ୍ଗି, ମଶାଣି ଆଦି କୌଣସି କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ। ଜଟଣୀବାସୀଙ୍କ ଦୁଃଖ ସରକାରଙ୍କ ନାଲିଫିତା ତଳେ ଅଟକିଯାଇଛି। ରାଜ୍ୟ ସରକାର ଯଦି ଆମର ସମସ୍ୟାର ସମାଧାନ ନ କରନ୍ତି, ତେବେ ଏପ୍ରିଲ ୧ରେ ୧୦ ହଜାର କ୍ଷତିଗ୍ରସ୍ତ ଜନସାଧାରଣ ନବୀନ ନିବାସ ଘେରାଉ କରିବେ। ଏହାସତ୍ତ୍ୱେ ନ୍ୟାୟ ନ ମିଳିଲେ ୧ ହଜାର କ୍ଷତିଗ୍ରସ୍ତ ପ୍ରଜା ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୁତି ଦେବେ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ଦାବି ରଖୁଛନ୍ତି।

## ବସ୍‌ଷ୍ଟାଣ୍ଡରୁ ଅଚିହ୍ନା ମୃତଦେହ ଜବତ

କଟକ ଅଫିସ,୨୫।୧୨

ବାଦାମବାଡି ବସଷ୍ଟାଣ୍ଡ ପରିସରରୁ ଶନିବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପକେଟରୁ ଏକ ଆଧାର କାର୍ଡ ମିଳିଛି। ହେଲେ ତାହା ଖରାପ ହୋଇଯାଇଥିବାରୁ ମୃତବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ମିଳିପାରିନାହିଁ। ଉକ୍ତ କାର୍ଡରେ ଗୁଜୁରାଟି ଭାଷାରେ ଲେଖାଯାଇଥିବା ଦେଖିବାକୁ ମିଳିଛି। ତେଣୁ ଅଧିକ ତଥ୍ୟ ହାସଲ କରିବା ପାଇଁ ବାଦାମବାଡି ପୋଲିସ ଉକ୍ତ ବ୍ୟକ୍ତିଙ୍କ ଫଟୋକୁ ସେଠାକାର ଥାନାକୁ ପଠାଇଥିବା ସୂଚନା ମିଳିଛି ।

## ୨୭ରେ ଆଉଏକ ରାଜ୍ୟସ୍ତରୀୟ ପାଇକ ସମାବେଶ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଆସନ୍ତା ୨୭ରେ ଭୁବନେଶ୍ୱରଠାରେ ଆଉଏକ ରାଜ୍ୟସ୍ତରୀୟ ପାଇକ ସମାବେଶ ହେବ। ଓଡ଼ିଶା ବୀର ମହାସଂଘ ପକ୍ଷରୁ ଶନିବାର ଭୁବନେଶରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଏହି ରାଜ୍ୟସ୍ତରୀୟ ବିଶାଳ ଜନଗର୍ଜନ ପାଇକ ସମାବେଶ ପରିପ୍ରେକ୍ଷୀରେ ମଧ୍ୟାହ୍ନ ୧୨ରେ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ରାମ ମନ୍ଦିର ଛକ ଦେଇ ଏକାମ୍ର ହାଟ ନିକଟରେ ପହଞ୍ଚିବ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଯେପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ପୁଣି ଦାବିପତ୍ର ପ୍ରଦାନ କରାଯିବ। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ, ପାର୍ଲାମେଣ୍ଟରେ ରାଲି କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ଯୋଗଦାନ କରିବାକୁ ଚାହୁଁଥିବା ପାଇକ ଦଳ ନଂ. ୯୪୩୭୬୨୮୭୮୦୬ରେ ଯୋଗାଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ଜାନୁୟାରୀ ୨୪ରେ ଦିଲ୍ଲୀର ଲାଲକିଲ୍ଲାରେ ପାଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ଓ ସଂଯୋଜକ ଗଣେଶ ସାମନ୍ତ ଉପସ୍ଥିତ ଥିଲେ।


ବଡ଼ଦିନ ପାଇଁ ଶନିବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ ଯୋଗୁ ଫସି ରହିଥିବା ଗାଡିମୋଟର।

## ସବୁ ବ୍ୟକ୍ତି ରାଷ୍ଟ୍ରର ସାର୍ବଭୌମ କ୍ଷମତାର ଅଧିକାରୀ: ବାଚସ୍ପତି

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସମସ୍ତଙ୍କ ଭାଗିଦାରି ରହିଥାଏ। କୌଣସି ବ୍ୟକ୍ତି ବା ଗୋଷ୍ଠୀ ନୁହନ୍ତି, ସମସ୍ତ ବ୍ୟକ୍ତି ହିଁ ରାଷ୍ଟ୍ରର ସାର୍ବଭୌମ କ୍ଷମତାର ଅଧିକାରୀ। ପ୍ରତ୍ୟେକ ନାଗରିକର ରାଷ୍ଟ୍ର ପରିଚାଳନାରେ ଅଂଶଗ୍ରହଣ କରିବାର ଅଧିକାର ରହିଛି ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର।

ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତରେ ରାଜନୀତି ଓ ବିକାଶ: ପ୍ରସଙ୍ଗ ଓ ଆହ୍ୱାନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଏବଂ ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ୨୯ତମ ଅଧିବେଶନକୁ ଉଦ୍‌ଘାଟନ କରି ବାଚସ୍ପତି ଗଣତନ୍ତ୍ର ଓ ସମାଜବାଦ ଉପରେ ବକ୍ତବ୍ୟ ରଖିଥିଲେ। ବ୍ୟାପକ ଦୃଷ୍ଟିକୋଣରୁ ବିଚାର କଲେ ଗଣତନ୍ତ୍ର କେବଳ ଗୋଟିଏ ଶାସନ ବ୍ୟବସ୍ଥା ନୁହେଁ, ଏହା ଏକ ଆଦର୍ଶ ସମାଜ ବ୍ୟବସ୍ଥା ଏବଂ ଜୀବନମାର୍ଗ। ରାଜନୈତିକ ଅର୍ଥରେ ଏହାକୁ ଆମେ ଏକ ପ୍ରତିନିଧିମୂଳକ ଏବଂ ଦାୟିତ୍ୱଶୀଳ ସରକାର କହିପାରିବା। ମାତ୍ର ଅର୍ଥନୈତିକ ତଥା ସାମାଜିକ ସାମ୍ୟ ବିନା ଗଣତନ୍ତ୍ରର ପ୍ରକୃତ ସ୍ୱରୂପ ଉପଲବ୍ଧ କରିହେବ ନାହିଁ। ଭାରତୀୟ ଗଣତନ୍ତ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସମୟାନୁକ୍ରମେ ପରିବର୍ତ୍ତନଶୀଳ ହୋଇଛି ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଭାରତୀୟ ଗଣତନ୍ତ୍ର ପ୍ରତି ଅବଦାନ ଏବଂ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ସମୟରେ ଗଣତନ୍ତ୍ରରେ ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଅମୀୟ ପରିଚ୍ଛାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୋଲକତା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଦୀପଙ୍କର ସିହ୍ନା ଯୋଗଦେଇ ସମାଜ ସହ ରାଜନୀତି ବିଜ୍ଞାନର ସଂଯୋଗ ଉପରେ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର ଆଭାସୀ ଜରିଆରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଫେସର ଅମରେଶ୍ୱର ମିଶ୍ର, ସୁଧାକର ପଣ୍ଡା, ବିଷ୍ଣୁଚରଣ ଚୌଧୁରୀ, ଅନୁପ କୁମାର ଦାଶ ଅଂଶଗ୍ରହଣ କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ମାନସ ବେହେରା, ପ୍ରଫେସର ଚିନ୍ତାମଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ଜାତୀୟ ଆଲୋଚନାଚକ୍ରର ସାଂଗଠନିକ ସମ୍ପାଦିକା ସ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସାଙ୍ଗଠନିକ ସମ୍ପାଦିକା ସୀମା ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସ୍ୱପ୍ନା ପ୍ରଭୁ ଧନ୍ୟବାଦ ଦେଇଥିଲେ।

## ୩ ରାସ୍ତା, ୨ ପରିଚୟ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଜାଗା ମିଶନ ଯୋଜନାରେ ବସ୍ତିକୁ ଆଦର୍ଶ କଲୋନୀରେ ପରିଣତ କରିବା ପାଇଁ ପକ୍କା ରାସ୍ତା, ପିଇବା ପାଣି, ଡ୍ରେନେଜ, ଘରେ ଘରେ ଶୌଚାଳୟ, ଆଲୋକୀକରଣର ବ୍ୟବସ୍ଥା କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ସାଲିଆ ସାହିର ୱାର୍ଡ ନମ୍ବର ୧୬ ଓ ୨୧ରେ ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୩ଟି ରାସ୍ତା ଓ ୨ଟି ପରିଚୟ ଗୃହ ନିର୍ମାଣ ପାଇଁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପ୍ରେମାନନ୍ଦ ଜେନା, ଭାରତୀ ସିଂ, ବାସନ୍ତୀ ସିଂ, ଝୁନୁବାଳା ଦେଇ, ଯୁବ ନେତା ଅବଧୂତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଶାନ୍ତିଲତା ପ୍ରଧାନ, ଆନନ୍ଦ ସ୍ୱାଇଁ, ଗୀତାଞ୍ଜଳି ବାଘ, ସଲିଳା ମହାପାତ୍ର, କାଳନ୍ଦୀ ପ୍ରଧାନ, ଗୌରାଙ୍ଗ ବେହେରା, ବିପିନ ଦଳେଇ, ପ୍ରଦ୍ୟୁମ୍ନ ପ୍ରଧାନ, ମୋହନ ଦୋରା, ସେଲଖନ କିଶକୁଙ୍କ ସମେତ ଏସ୍ଏଚ୍‌ଜି ମହିଳା ଓ ବିଏମ୍‌ସି ଅଧିକାରୀମାନେ ଯୋଗଦେଇଥିଲେ।

## ଟ୍ରେନ୍ ଧକ୍କାରେ ହାତୀ ଗୁରୁତର

ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଭୁଷଣ୍ଡପୁର ଷ୍ଟେଶନ ଦକ୍ଷିଣ ପଟ କନ୍ତଳବାଇ ଲେଭଲ କ୍ରସିଂ ନିକଟରେ ୧୯ଟିକିଆ ହାତୀ ପଲ ଶନିବାର ସନ୍ଧ୍ୟାରେ ରେଳ ଧାରଣା ଅତିକ୍ରମ କରୁଥିଲେ। ଏହି ସମୟରେ ଖୋର୍ଦ୍ଧା ରୋଡରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ ସେମାନଙ୍କୁ ଧକ୍କା ଦେଇଥିଲା। ଗୋଟିଏ ହାତୀ ଆହତ ହୋଇଥିବା ବେଳେ ଅନ୍ୟ ସମସ୍ତ ହାତୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

## କରୋନା ପ୍ରକୋପରୁ ବିଶ୍ୱ ମୁକ୍ତି ପାଇଁ ପ୍ରାର୍ଥନା

### ଭକ୍ତିରେ ସରିଲା ବଡ଼ଦିନ

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ)

ଆନନ୍ଦ ଉଲ୍ଲାସ ମଧ୍ୟରେ ଧରା ପୃଷ୍ଠରେ ଅବତରଣ କରିଛନ୍ତି ପ୍ରଭୁ ଯୀଶୁ। କୋଭିଡ କଟକଣା ମଧ୍ୟରେ ସମୂହ ପ୍ରାର୍ଥନା ସହ ପ୍ରଭୁଙ୍କ ଭକ୍ତି ନିବେଦନ କରିଛନ୍ତି ଖ୍ରୀଷ୍ଟ ଧର୍ମାବଲମ୍ବୀ। ଚର୍ଚ୍ଚଗୁଡ଼ିକରେ ୫୦ ପ୍ରତିଶତ ଶ୍ରଦ୍ଧାଳୁଙ୍କୁ ନେଇ ବଡଦିନ ପାଳନ କରାଯାଇଥିଲା। ନିର୍ଦ୍ଦେଶାନାମା ଅନୁସାରେ କୋଭିଡ୍ ଟେଷ୍ଟ କରାଯାଇ ଶ୍ରଦ୍ଧାଳୁଙ୍କୁ ଭିତରକୁ ଅନୁମତି ଦିଆଯାଇଥିଲା। ତେବେ କଟକଣା ଯୋଗୁ ବହୁ ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନା ଓ ପ୍ରଭୁ ଯିଶୁଙ୍କୁ ଦର୍ଶନରୁ ବଞ୍ଚିତ ହୋଇଥିଲେ। ଫଳରେ ରାଜଧାନୀର କେତେକ ଚର୍ଚ୍ଚ ସମ୍ମୁଖରେ ଉପାସକଙ୍କ ଅହେତୁକ ଭିଡ଼ ଦେଖିବାକୁ ମିଳିଥିଲା। ପୋଲିସ ଦାଗିଦ କରିବାରୁ ବହୁ ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଥିଲେ। ତେବେ ସତ୍ୟନଗର ଚର୍ଚ୍ଚ ଭିତରେ କୋଭିଡ କଟକଣା ପାଳନ ପୂର୍ବକ ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୪ ୟୁନିଅନ ଚର୍ଚ୍ଚ ସମେତ କେତେକ ଚର୍ଚ୍ଚରେ ଭର୍ଚୁଆଲରେ ଉପାସନା କରାଯାଇଥିଲା। ଚର୍ଚ୍ଚର ଧର୍ମଗୁରୁ ଫାଦରମାନେ ଉପସ୍ଥିତ ରହି ଖ୍ରୀଷ୍ଟଧର୍ମାବଲମ୍ବୀଙ୍କୁ ସତ୍ ପଥରେ ସର୍ବଦା ଚାଲିବା ପାଇଁ ଉପଦେଶ ଦେଇଥିଲେ। ସାରା ବିଶ୍ୱରେ ଦୁଇବର୍ଷ ହେଲା କବଳିତ କରି ରଖିଥିବା ମହାମାରୀ କରୋନା ପ୍ରକୋପରୁ ବିଶ୍ୱ ମୁକ୍ତି ପାଇବା ପାଇଁ ପ୍ରାର୍ଥନା କରାଯାଇଥିଲା। ଅନ୍ୟପଟେ ଘରେ ଘରେ କେକ୍ କାଟି ଖ୍ରୀଷ୍ଟିଆନ ଭାଇ ଭଉଣୀମାନେ ବଡ଼ଦିନ ପାଳନ କରିଥିଲେ। ପରସ୍ପରକୁ ଉପହାର ଦେଇ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ସପିଂ ମଲ, ସେବାଶ୍ରମ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା। ଶିଶୁମାନେ ସାନ୍ତାକ୍ଲଜ୍‌କୁ ନିକଟରେ ପାଇ ବେଶ ଉତ୍ସାହିତ ହୋଇଥିଲେ।


ଚର୍ଚ୍ଚ ଭିତରକୁ ଛଡ଼ାଯିବା ପୂର୍ବରୁ ଶ୍ରଦ୍ଧାଳୁଙ୍କ କୋଭିଡ୍ ଟେଷ୍ଟ କରାଯାଉଛି।

## 'ବାଜପେୟୀଙ୍କ ପଥ ଅନୁସରି ଦେଶ ଆଗେଇ ଚାଲିଛି'

### ସୁଶାସନ ଦିବସ ପାଳନ ବେଳେ ଉତ୍ତେଜନା

ପୁରୁଣା ଭୁବନେଶ୍ୱର, ୨୫।୧୨(ଡି.ଏନ୍.ଏ.)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୮ତମ ଜନ୍ମଦିନକୁ ଦେଶବ୍ୟାପୀ 'ସୁଶାସନ ଦିବସ' ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ଜିଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଶନିବାର ଶିଶୁପାଳଗଡ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ଦିବସ ପାଳିତ ହୋଇଥିଲା। ଆୟୋଜିତ ସଭାରେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀ ଦେଶରେ ସୁଶାସନ ବ୍ୟବସ୍ଥା ଆରମ୍ଭ କରିଥିଲେ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଜପେୟୀଙ୍କ ପଥ ଅନୁସରଣ କରି ବହୁ ଗରିବ କଲ୍ୟାଣ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିବା ସହିତ ଦେଶର ପ୍ରଗତିକୁ ଆଗକୁ ନେଉଛନ୍ତି ବୋଲି ସେ କହିଥିଲେ। ଜିଲା ସଭାପତି ବାବୁ ସିଂ କହିଲେ, ଶିଶୁପାଳଗଡ ମାଟି ସ୍ୱାଭିମାନ ପାଇଁ ପରିଚିତ। ଏହି ମାଟିରୁ ସ୍ୱାଭିମାନର ଡାକରା ଦେଇ ପରିବର୍ତ୍ତନର ସ୍ୱରକୁ ଆହୁରି ଶାଣିତ କରିବା ଆହ୍ୱାନ ଦେଇଥିଲେ। ଏହି ସମୟରେ ସଭାସ୍ଥଳରେ କେତେଜଣ ବିଜେଡି କର୍ମୀ ପହଞ୍ଚି ପ୍ରତିବାଦ କରିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ଜିଲାପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡଜେନା, ଜିଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ହିଂମାଂଶୁ ଶେଖର ଛୋଟରାୟ, ଦିଲୀପ ବେହେରା, ରଶ୍ମିରଞ୍ଜନ ମୁଦୁଲି, ଅରୁଣ ପୁରୋହିତ, ସନ୍ତୋଷ ଜେନା, ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଦାମୋଦର ବେହେରା, ଅମରଜ୍ୟୋତି ଜଗଦ୍ଦେବ, ଜିତେନ୍ଦ୍ର ମହାନ୍ତି, ତାପସ ଦଳେଇ, ରବି ମହାରଣା, ସୁବାଷିନୀ ପୃଷ୍ଟି, ତୃପ୍ତିମୟୀ ମକଦ୍ଦମ, ସୁନୀଲ ପ୍ରଧାନ, ଶିବ ବେହେରା, ନିରଞ୍ଜନ ରାଉତରାୟ, ଦେବେନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।


ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତି ଜାଳି ପ୍ରଭୁ ଯିଶୁଙ୍କୁ ଆରାଧନା କରୁଛନ୍ତି।


ଧରାବତରଣ କରିଥିବା ପ୍ରଭୁ ଯିଶୁଙ୍କୁ ସ୍ପର୍ଶ କରି ଜଣେ ଯୁବତୀ ଭକ୍ତି ନିବେଦନ କରୁଛନ୍ତି।


ସମୂହ ପ୍ରାର୍ଥନା ଅବସରରେ ସତ୍ୟନଗର ଚର୍ଚ୍ଚରେ ଫାଦର ଶ୍ରଦ୍ଧାଳୁଙ୍କୁ ପ୍ରଭୁ ଯିଶୁଙ୍କ ବାଣୀ ଶୁଣାଉଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୧୯ତମ ବାର୍ଷିକ ଉତ୍ସବ, ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୦ଟା।
- ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ରାଜ୍ୟସ୍ତରୀୟ ବିତର୍କ ଆଲୋଚନାଚକ୍ର, ଓରିସପ୍ସ କମ୍ପ୍ୟୁଟର ଏଜୁକେଶନ, ସେକ୍ଟର-୮, ସିଡିଏ, ଅପରାହ୍ନ ୩ଟା ୩୦ ।

**ତିଗିରିଆ**

- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ନିଜିଗଡ ଗାନ୍ଧୀ ପଡ଼ିଆ, ଅପରାହ୍ନ ୨ଟା।

# ସାର୍ବଜନୀନ ହୋଇନି କମିଶନ ରିପୋର୍ଟ

**ପୁରୀ ଅଫିସ,୨୫।୧୨**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପୁରୀ ଜିଲା ପ୍ରଶାସନର ତଥ୍ୟ ମେଳ ଖାଉ ନ ଥିବାବେଳେ ରଘୁବୀର ଦାସ କମିଶନ ରିପୋର୍ଟକୁ ସାର୍ବଜନୀନ କରିବା ଦାବି ଜୋର ଧରୁଛି। ଚାବି ହଜିବା ଘଟଣା ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଏକ ନାଟକ ଥିଲା ଅଥବା ବାସ୍ତବରେ ଚାବି ହଜିଥିଲା ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଅନ୍ୟପକ୍ଷରେ ରଘୁବୀର ଦାସ କମିଶନ ରିପୋର୍ଟ ସାର୍ବଜନୀନ ନ ହେବା, ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିଲେ ମଧ୍ୟ ଖୋଲାଯାଇ ମରାମତି ନ କରାଯିବା ଭଳି ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ଆଙ୍ଗୁଳି ଉଠାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ରଘୁବୀର ଦାସ କମିଶନଙ୍କୁ କେଉଁ କେଉଁ ତଥ୍ୟ, ଚିଠି ଓ ଦସ୍ତାବିଜ୍ ପ୍ରଦାନ କରିଛନ୍ତି ସେନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ତାହା ମିଳୁନାହିଁ। ବିଧାନସଭାରେ ଏହି ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାରୁ ଏ ସମ୍ପର୍କିତ ସୂଚନା ଦିଆଯାଇପାରିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ତେବେ ୨୦୧୮ ଜୁନ ୪ରେ ମୁଖ୍ୟମନ୍ତ୍ରୀ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ନିଯୁକ୍ତ କରିଥିଲେ। ୩ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ନିର୍ଦ୍ଧାରିତ ସମୟସୀମାରେ ତଦନ୍ତ ନ ସରିବାରୁ ଏହାକୁ ଆହୁରି ୩ ମାସ ସଂପ୍ରସାରଣ କରାଯାଇଥିଲା। ଶେଷରେ ୨୦୧୮ ନଭେମ୍ବର ୨୮ରେ




ତଦନ୍ତ କମିଶନ ୩୨୪ ପୃଷ୍ଠାର ରିପୋର୍ଟ ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୨୨ଲକ୍ଷ ୨୭ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ତଦନ୍ତ ରିପୋର୍ଟ ପ୍ରଦାନ କରାଯିବାର ୩ବର୍ଷ ବିତିଯାଇଥିଲେ ମଧ୍ୟ ଏହା ବିଧାନସଭାରେ ଉପସ୍ଥାପିତ ହୋଇପାରିନାହିଁ। ଫଳରେ ରାଜ୍ୟବାସୀ ଏହି ରିପୋର୍ଟ ସମ୍ପର୍କରେ ଜାଣିବାରେ ବିଫଳ ହେଉଛନ୍ତି। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ଚାବି ପ୍ରସଙ୍ଗରେ ବାସ୍ତବରେ କ'ଣ ଘଟିଥିଲା, କାହାର ଦୋଷ ଥିଲା ଓ ଚାବି କିପରି ହଜିଲା ଭଳି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ମିଳିନାହିଁ। ସରକାର ରିପୋର୍ଟ ନିଜ ପାଖରେ ରଖିବା ଉଦ୍ଦେଶ୍ୟରେ ତଦନ୍ତ କମିଶନ ବସାଇଥିବା ଭଳି ଅନୁଭବ ହେଉଛି। ରିପୋର୍ଟ ସମ୍ପର୍କରେ ଜାଣିବାର ଅଧିକାର ପ୍ରତିଟି ଓଡ଼ିଆଙ୍କର ରହିଛି ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଲାଗୁ କରି ରାଜ୍ୟବାସୀଙ୍କର ଅଧିକ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଛନ୍ତି। ଏଭଳି ସ୍ଥଳେ ଚାବି ହଜିବା ଘଟଣାରେ ପାରିଦର୍ଶିତା ଦେଖାଉନାହାନ୍ତି କାହିଁକି ତାହା ବୁଝାପଡୁନାହିଁ। ରାଜ୍ୟ ସରକାର ତୁରନ୍ତ ରିପୋର୍ଟ ସାର୍ବଜନୀନ କରି ନିଜର ନିର୍ଦ୍ଦୋଷତାର ପ୍ରମାଣ କରନ୍ତୁ ବୋଲି ବରାଳ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଂଶୁମାନ


@ ସାତାକାନ୍ତ


@ ସୁରେନ୍ଦ୍ର


@ ସୋନାଲି


@ ବାସନ୍ତୀ


@ ସୁମନ୍ତ

## ବସ୍ଷ୍ଟାଣ୍ଡରୁ ଅଚିହ୍ନା ମୃତଦେହ ଜବତ

**କଟକ ଅଫିସ,୨୫।୧୨:** ବାଦାମବାଡି ବସଷ୍ଟାଣ୍ଡ ପରିସରରୁ ଶନିବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପକେଟରୁ ଏକ ଆଧାର କାର୍ଡ ମିଳିଛି। ହେଲେ ତାହା ଖରାପ ହୋଇଯାଇଥିବାରୁ ମୃତବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ମିଳିପାରିନାହିଁ। ଉକ୍ତ କାର୍ଡରେ ଗୁଜୁରାଟି ଭାଷାରେ ଲେଖାଯାଇଥିବା ଦେଖିବାକୁ ମିଳିଛି। ତେଣୁ ଅଧିକ ତଥ୍ୟ ହାସଲ କରିବା ପାଇଁ ବାଦାମବାଡି ପୋଲିସ ଉକ୍ତ ବ୍ୟକ୍ତିଙ୍କ ଫଟୋକୁ ସେଠାକାର ଥାନାକୁ ପଠାଇଥିବା ସୂଚନା ମିଳିଛି ।




କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା 'କଳ୍ପନା', କ୍ଷୁଦ୍ରକାବ୍ୟ 'ମୃଗ ମହାଦେବ ଚରିତ' ଉନ୍ମୋଚନ କରୁଛନ୍ତି।

## ବାଜପେୟୀଙ୍କ ଜୟନ୍ତୀ

**ଚୌଦ୍ୱାର, ୨୫।୧୨(ଡି.ଏନ୍.ଏ.)**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ପାଳିତ ହୋଇଯାଇଛି। ଚୌଦ୍ୱାର ୟୁନିୟନ୍ ସ୍ପୋର୍ଟିଂ କ୍ଲବ୍ ପରିସରରେ ଭାଜପା କଟକ ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରଭାରୀ ବିକ୍ରମ ଦାସ, ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବଡ଼ଜେନା, ଇଂ. ହରିହର ରଣା, ପ୍ରଭାକର ସ୍ୱାଇଁ, କମଳ ମହାନ୍ତି, ଦୀନବନ୍ଧୁ ମହାରଣା, ଅନ୍ନପୂର୍ଣ୍ଣା ପଣ୍ଡା, ହଂସଚରଣ ସାହୁ, ନିକୁଞ୍ଜ ବିହାରୀ ପଣ୍ଡା, କ୍ରିଷ୍ଣା ରାଓ, ଦୁଃଶାସନ ମୁଦୁଲି, ଗୌତମ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ

**ଫୁଲନଖରା,୨୫।୧୨(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଟ୍ରାଫିକ ଛକ ନିକଟ ରାସ୍ତାପାର୍ଶ୍ୱରୁ ଶନିବାର ପୋଲିସ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘଦିନ ଧରି ଟ୍ରାଫିକ ଛକ ନିକଟ ରାସ୍ତାପାର୍ଶ୍ୱରେ ସ୍ଥାନୀୟ ବ୍ୟବସାୟୀ ଦୋକାନ କରିଥିବାରୁ ଲୋକଙ୍କ ଭିଡ ଜମିବା ସହ ରାସ୍ତାରେ ଗାଡିଗୁଡିକ ଅଟକି ରହୁଥିଲା। ଫଳରେ ଯାତାୟତରେ ସମସ୍ୟା ହେଉଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଅତିରିକ୍ତ ଆଇଆଇସି ଅନିତା ସାହୁ, ଏସ୍‌ଆଇ ବବିତା ସାହୁଙ୍କ ସହ ପୋଲିସ କର୍ମଚାରୀ ନିୟୋଜିତ ହୋଇଥିଲେ।

# 'ପ୍ରଥମେ ଜୀବନ, ପରେ ସାହିତ୍ୟକୁ ଭଲ ପାଅ'

**କଟକ ଅଫିସ,୨୫।୧୨**

କଟକ ଶ୍ରୀରାମଚନ୍ଦ୍ର ଭବନରେ କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ସ୍ୱନକ୍ଷତ୍ର ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ ପତ୍ରିକା 'କଳ୍ପନା', କ୍ଷୁଦ୍ରକାବ୍ୟ 'ମୃଗ ମହାଦେବ ଚରିତ' ଉନ୍ମୋଚିତ ହୋଇଥିଲା। ଉତ୍ସବର ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରିଥିଲେ। ମାନସୀ ବେହୁରା ଓ ମନୋଜ ମଞ୍ଜରୀ ଦେଓଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗଜେନ୍ଦ୍ର ପାଣି, ଅଜିତ୍ କୁମାର ତ୍ରିପାଠୀ, ମନୀଷା ରାୟ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଭୁବନେଶ୍ୱର ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଅତିରିକ୍ତ ମୁଖ୍ୟ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ପ୍ରଥମେ ଜୀବନ ପରେ ସାହିତ୍ୟକୁ ଭଲ ପାଅ ବୋଲି ବୋଲି କହିଥିଲେ। ଏଥିରେ ଡ. ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ପ୍ରଫେସର ସୁରେଶ ଦାଶ ବରେଣ୍ୟ ଅତିଥି, ଇଂ. ଅଜୟ ପଣ୍ଡା ବିଶିଷ୍ଟ ଅତିଥି, ସୋହାଗିନୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ନ୍ୟୁରୋସର୍ଜରୀ ବିଭାଗର ଡା. ରବି ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। ଅଖିଳ କୁମାର ମିଶ୍ର, ସୁରେଶ ଚନ୍ଦ୍ର ଦାଶ, ନିରୁପମା ରାୟ, ରବିନାରାୟଣ ପଣ୍ଡା, ଇଂ ସୁଶାନ୍ତ କିଶୋର ବଳ, ମାନସୀ ବେହୁରା, ରବୀନ୍ଦ୍ର ପରିଡା, ଅଜିତ ତ୍ରିପାଠୀ, ସରସ୍ୱତୀ ନାଥ, ସୌଦାମିନୀ ତ୍ରିପାଠୀ, ରାଜକିଶୋର ମୁଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରବନ୍ଧରେ ଭାଗନେଇଥିବା ପିଲାମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା ଓ ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ।

## ସୁଶାସନ ଦିବସ ପାଳିତ

**କଟକ ଅଫିସ,୨୫।୧୨**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜୟନ୍ତୀକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ମହାନଦୀ ବିହାରସ୍ଥିତ ବାଜପେୟୀ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଟଳ ବିହାରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ଗୋପାଳ ବେହେରା, ମାନସ ମହାନ୍ତି, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ସିକନ୍ଦର ଅଲ୍ଲି, ଜିଲା ସାଧାରଣ ସମ୍ପାଦକ ବୈଦେଶ୍ୱର ପଣ୍ଡା, ଭାଗିରଥି ଦଳେଇ, ଜିଲା ଓବିସି ମୋର୍ଚ୍ଚାର ସଭାପତି ମହେନ୍ଦ୍ର ମହାନ୍ତି, ସୁନିଲ ଦ୍ୱିବେଦୀ, ରବୀନ୍ଦ୍ର ଦାସ, ନିବାସ ରାଉତ, ଭାରତୀ ପାଣି ଓ ସିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପଠାରେ ସମାଜର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂଆବଜାର ମଣ୍ଡଳ ସାଧାରଣ ସମ୍ପାଦକ ଜଗଦାନନ୍ଦ ତ୍ରିପାଠି ଓ ଚିରଞ୍ଜୀବି ଖଣ୍ଡାୟତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲରେ ଖ୍ରୀଷ୍ଟମାସ ଉତ୍ସବ

**କଟକ ଅଫିସ,୨୫।୧୨:** ନୟାବଜାରସ୍ଥିତ ସେଣ୍ଟ ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲରେ ଶନିବାର ଖ୍ରୀଷ୍ଟମାସ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଚେୟାରମ୍ୟାନ ଡ. ଜି.ଏସ୍. ପଟ୍ଟନାଏକ ଓ ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ପି.ସି ମହାନ୍ତି ଯୋଗଦେଇ ଖ୍ରୀଷ୍ଟମାସ ଦିବସର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖ୍ରୀଷ୍ଟମାସ କ୍ୟାରୋଲ, କେକ୍ କଟିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଖ୍ରୀଷ୍ଟମାସ ସ୍କିଟ୍ ପ୍ରଦର୍ଶନ କରିଥିଲେ। ଶ୍ଳୋକ ପାଠ କରି ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ବିଦ୍ୟାଳୟର ୨ୟ ଶ୍ରେଣୀ ଛାତ୍ର ମୟଙ୍କ ପତିଙ୍କୁ ବିଦ୍ୟାଳୟ ଅଧକ୍ଷ ମହମ୍ମଦ ମୁସ୍ତଫା ମାଜିଦ୍ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଇ-ପତ୍ରିକା 'ବ୍ରିଦ୍ଧି' କୁ ଉନ୍ମୋଚିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିଦ୍ୟୁତ୍ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମାନିଲେନି କଟକଣା, ପୁଣି ନାଚଗୀତରେ ମସ୍‌ଗୁଲ ଛାତ୍ରୀଛାତ୍ର

**କଟକ ଅଫିସ, ୨୫।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପୁଣିଥରେ କୋଭିଡ୍ ନିୟମ ଉଲ୍ଲଂଘନ କରି ନାଚଗୀତରେ ମସ୍‌ଗୁଲ ଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଛାତ୍ରୀଛାତ୍ରଙ୍କ ଏଭଳି ଖାମଖିଆଲ କାର୍ଯ୍ୟକଳାପକୁ ସାଧାରଣରେ ସମାଲୋଚନା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବୁଧବାର ବାର୍ଷିକ କ୍ରୀଡା ଉତ୍ସବ ଶେଷ ହେବା ପରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଗୀତର ତାଳେ ତାଳେ ନାଚିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶୁକ୍ରବାର ବିଶ୍ୱବିଦ୍ୟାଳୟ କ୍ରୀଡା କମିଟିକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହି ଘଟଣାକୁ ନେଇ



**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

ଉପୁଜିଥିବା ବିବାଦର ଅନ୍ତ ନ ଘଟୁଣୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁନର୍ବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ବହୁସଂଖ୍ୟକ ଛାତ୍ରୀଛାତ୍ର ନାଚଗୀତରେ ମସ୍‌ଗୁଲ ଥିଲେ। ସେମାନଙ୍କର କାହାକୁ ଖାତିର ନା କୋଭିଡ୍ କଟକଣାକୁ ଡରଥିବା ଭଳି ମନେ ହେଉ ନ ଥିଲା। ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରମାନେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବାବେଳେ ପୁଣିଥରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଅନୁମତି ଦେଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ ପ୍ରୀତିରେଖା ଦାସ ପଟ୍ଟନାୟକ କହିଛନ୍ତି, ଏହି କାର୍ଯ୍ୟକ୍ରମ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନେଇ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଦିଆଯାଇ ନାହିଁ।

# 'ସଂସ୍କୃତି ବଞ୍ଚାଇ ରଖିବା ପାଇଁ ପାଲା ଏକ ମାଧ୍ୟମ'

**ଚୌଦ୍ୱାର, ୨୫।୧୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗୁଳି କପିଳେଶ୍ୱର ମହାଦେବ ମନ୍ଦିର ପରିସରରେ ବିଶ୍ୱେଶ୍ୱର ପାଲା ମଣ୍ଡଳର ପ୍ରଥମ ବାର୍ଷିକ ସମ୍ମିଳନୀ ଓ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ରଜତ କର ଓ ଶପଥ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପାଲା ଏକ ମାଧ୍ୟମ ବୋଲି କହିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ପାଲାକାର ସିଦ୍ଧେଶ୍ୱର ନାୟକ, ସନ୍ତୋଷ କୁମାର ପ୍ରଧାନ, କିଶୋର ଚନ୍ଦ୍ର ନାୟକ, ବାସୁଦେବ ମିଶ୍ର, ଉମେଶ ଚନ୍ଦ୍ର ସ୍ୱାଇଁ, ଶିବରାମ ବାରିକ, ନିରଞ୍ଜନ ପଣ୍ଡା, ଦେବାଶିଷ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ଓ ପ୍ରତିଷ୍ଠିତ ପାଲାଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଚିତ୍ରାନନ୍ଦ ପଣ୍ଡାଙ୍କ ରଚିତ ଜୀବନ ଦର୍ଶନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ନରେନ୍ଦ୍ର ରାଉତରାୟ, ଅକ୍ଷୟ ରାଉତରାୟଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।



ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରି ନିର୍ମାଣକୁ ପୁରୀ ସୁଜାତାନଗର ଫେଜ୍-୨ ବାସିନ୍ଦା ବିରୋଧ କରି ଶନିବାର ସମ୍ପୃକ୍ତ ସ୍ଥାନରେ ଧାରଣା ଦେଇଛନ୍ତି।



ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ପୁରୀ-କୋଣାର୍କ ବେଳାମାର୍ଗରେ ଶନିବାର ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଭାରତ ସର୍ବଧର୍ମ ସମନ୍ୱୟ ମାର୍ଗରେ ଅଗ୍ରଗତି କରୁଛି

**କଟକ ଅଫିସ,୨୫।୧୨:** କଟକ ଗାନ୍ଧୀ ଭବନଠାରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବଡଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଭାରତ ସର୍ବଧର୍ମ ସମନ୍ୱୟ ମାର୍ଗରେ ଗତି କରୁଛି ବୋଲି ଉପସ୍ଥିତ ଅତିଥି କହିଥିଲେ। ଏହି ସଭାରେ ମିହିର ପ୍ରତାପ ଦାସ, ପ୍ରଶାନ୍ତ ଦାସ, ନଗେନ୍ଦ୍ର କୁମାର ରଥ, ଆଡଭୋକେଟ ବିଜୟ କୁମାର ରଗଡ, ଅନିଲ ଦେଓ, ମାନସ ପଟ୍ଟନାୟକ, ଅନିମା ରାୟ, ସନ୍ଧ୍ୟାରାଣୀ ମହାନ୍ତି, କାମିନୀକାନ୍ତ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆଡ୍‌ଭୋକେଟ କବିର ଜେନା ଧନ୍ୟବାଦ ଦେଇଥିଲେ।

### ସେବା ଅନୁଷ୍ଠାନର କାର୍ଯ୍ୟକାରିଣୀ ବୈଠକ

**ସାଲେପୁର,୨୫।୧୨(ଡି.ଏନ.ଏ.):** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବା'ର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ବ୍ଲକ ଅନ୍ତର୍ଗତ ବଟେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ବିକାଶଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ଉପାଧକ୍ଷ ସୁବାଶିଷ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଖବରଦାତା ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ହୃଷୀକେଶ ମଲ୍ଲିକ, ତାରାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ସମାଜ କଲ୍ୟାଣକାରୀ କାର୍ଯ୍ୟ ପାଇଁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସେବାର ବରିଷ୍ଠ ସଦସ୍ୟ ରମାକାନ୍ତ ମହାରଣା, ସୋମନାଥ ସାହୁ, ଅଶୋକ ଦାସ, ରୁନୁ ବାଳା ଭୂୟାଁ, ରେଣୁବାଳା ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।

### 'ଶ୍ରୀଜଗନ୍ନାଥ ନିମ୍ବବନିକାରେ ହେବ ଇକୋ ଟୁରିଜମ ସ୍ପଟ୍'

**ଖୁଣ୍ଟୁଣୀ,୨୫।୧୨(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ଅଧୀନ ଓରନ୍ଦା ଗ୍ରାମ ପାହାଡସ୍ଥିତ 'ଶ୍ରୀଜଗନ୍ନାଥ ନିମ୍ବବନିକା'କୁ ଇକୋ ଟୁରିଜମ ସ୍ପଟ୍ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଶନିବାର 'ଶ୍ରୀଜଗନ୍ନାଥ ନିମ୍ବବନିକା'ର ଦ୍ୱିତୀୟ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ଏଠାରେ ଥିବା ୧୧୦ ଏକର ପାହାଡ଼ରେ ୧୦ ହଜାର ନିମ୍ବବୃକ୍ଷ ସୃଷ୍ଟି ହୋଇଛି। ଏହାକୁ 'ଶ୍ରୀଜଗନ୍ନାଥ ନିମ୍ବବନିକା' ବୋଲି କୁହାଯାଉଛି। ଏଥିରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇଥିଲେ। ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ନିମ୍ବବନିକାର ବିକାଶ ପାଇଁ ଆଗାମୀ ଦିନରେ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଶ୍ରୀଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ନେପାଳ ପୂଜାପଣ୍ଡା ମାଧବ ଚନ୍ଦ୍ର ମହାପାତ୍ର, ଭଗବାନ ସୁଆର, ଅନନ୍ତ ତିଆଡି ଯୋଗଦେଇଥିଲେ। ଓରନ୍ଦା ଗ୍ରାମ୍ୟ କମିଟି ସମ୍ପାଦକ ପ୍ରେମାନନ୍ଦ ବେଉରା ଅତିଥି ପରିଚୟ, ଜ୍ୟୋତିପ୍ରସାଦ ପରିଡା କାର୍ଯ୍ୟକ୍ରମ ସଂଯୋଜନା ଓ ଇଂ. ପ୍ରତାପ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେଠାରେ ନିର୍ମିତ ହୋଇଥିବା ସୌର ପ୍ରକଳ୍ପକୁ ମନ୍ତ୍ରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ।

# 'ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମି ଫେରାଅ'

- ଦାବି ରଖିଲେ ଜଟଣୀ ବିଧାୟକ
- ଏପ୍ରିଲ ୧ରେ ନବୀନ ନିବାସ ଘେରାଉ ଚେତାବନୀ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

୨୦୧୨ ମସିହାରେ ଜଣେ ସେଟେଲମେଣ୍ଟ ଅଫିସର ଜଟଣୀ ମ୍ୟୁନିସିପାଲିଟି ଓ ତା'ର ପାର୍ଶ୍ୱବର୍ତ୍ତୀ ପ୍ରାୟ ୨୬ ଗ୍ରାମର ପୈତୃକ ସ୍ଥିତିବାନ ଭୂସମ୍ପତ୍ତିକୁ ଭୁଲ୍ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେଇଥିଲେ। ସେବେଠାରୁ ଦୀର୍ଘ ୯ ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିଜମାକୁ ପୁନଶ୍ଚ ନିଜ ନାମରେ ଫେରାଇ ଆଣିବା ପାଇଁ ଆମେ ସଂଘର୍ଷ କରି ଆସୁଛୁ। ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମିକୁ ଆମକୁ ଫେରାଇ ଦିଅ ବୋଲି ଦାବି କରୁଛୁ। ମାତ୍ର ରାଜ୍ୟ ସରକାର ଆମର ଦୁଃଖକୁ ଶୁଣୁନାହାନ୍ତି ବୋଲି ଜଟଣୀ ବିଧାୟକ ତଥା ଜଟଣୀ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ପ୍ରଜାମଞ୍ଚର ଆବାହକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ଗୁଆଝରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ଜଟଣୀବାସୀଙ୍କ ପାଇଁ ବିଜେଡି ସରକାର ବ୍ରିଟିଶ ସରକାର ସଦୃଶ। ରାଜ୍ୟ ସରକାରଙ୍କ ଏଭଳି ଭୁଲ୍ ପାଇଁ ଜଟଣୀ ମ୍ୟୁନିସିପାଲିଟି ଓ ତା'ର ପାର୍ଶ୍ୱବର୍ତ୍ତୀ ଗ୍ରାମ ବେରୁଆଁ, ଭଁସର, ବାଇରଙ୍ଗ, ହରିରାଜପୁର, ବୁଢ଼ାପଡ଼ା, ନିରଞ୍ଜନପୁର, କନ୍ତିଆ, ରଥିପୁର, କୁଶମାଟି, ଛଣଘର, କୁଦିଆରି, ରାମଚନ୍ଦ୍ରପୁରର ଆଦି ୨୬ ଗ୍ରାମର ୨ ଲକ୍ଷ ଲୋକ ୯ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାର ଅର୍ଥ ଆମ ସ୍କୁଲଘର, ଖେଳପଡିଆ, ଡାକ୍ତରଖାନା, ରାସ୍ତାଘାଟ, ପାଠାଗାର, କମ୍ୟୁନିଟି ସେଣ୍ଟର, ଭାଗବତ ଟୁଙ୍ଗି, ମଶାଣି ଆଦି କୌଣସି କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ। ଜଟଣୀବାସୀଙ୍କ ଦୁଃଖ ସରକାରଙ୍କ ନାଲିଫିତା ତଳେ ଅଟକିଯାଇଛି। ରାଜ୍ୟ ସରକାର ଯଦି ଆମର ସମସ୍ୟାର ସମାଧାନ ନ କରନ୍ତି, ତେବେ ଏପ୍ରିଲ ୧ରେ ୧୦ ହଜାର କ୍ଷତିଗ୍ରସ୍ତ ଜନସାଧାରଣ ନବୀନ ନିବାସ ଘେରାଉ କରିବେ। ଏହାସତ୍ତ୍ୱେ ନ୍ୟାୟ ନ ମିଳିଲେ ୧ ହଜାର କ୍ଷତିଗ୍ରସ୍ତ ପ୍ରଜା ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୁତି ଦେବେ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ଦାବି ରଖୁଛନ୍ତି।

### ମାର୍ଚ୍ଚ ୫ରୁ ଅଖିଳ ଭାରତୀୟ କନ୍‌ଷ୍ଟ୍ରକଶନ ମଜଦୁର ମହାସଂଘର ସମ୍ମିଳନୀ

**କଟକ ଅଫିସ,୨୫।୧୨**

ଅଖିଳ ଭାରତୀୟ କନ୍‌ଷ୍ଟ୍ରକଶନ ମଜଦୁର ମହାସଂଘ ଓଡ଼ିଶା ଶାଖା ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କ ସର୍ବଭାରତୀୟ ସମ୍ମିଳନୀ ଆସନ୍ତା ମାର୍ଚ୍ଚ ୫ ଓ ୬ ଦୁଇଦିନ ଧରି କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ ୫ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଦେଶରେ ନିର୍ମାଣ ଶ୍ରମିକଙ୍କ ପାଇଁ ଏକପ୍ରକାର ଆଇନ ପ୍ରଚଳନ, ସାମାଜିକ ସୁରକ୍ଷା, ସମସ୍ତ ସୁବିଧା ଯୋଗାଇଦେବା ସହିତ ଶ୍ରମିକ କଲ୍ୟାଣ ବୋର୍ଡ଼ରେ ଶ୍ରମ ସଙ୍ଗଠନର ପ୍ରତିନିଧିଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦେବା ସମ୍ମିଳନୀରେ ପ୍ରସ୍ତାବ ଆଗତ କରାଯିବ। ଏ ସମ୍ପର୍କରେ ଶନିବାର କଟକ ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ସହପ୍ରଭାରୀ ଜୟନ୍ତ ଦେଶପାଣ୍ଡେ ସୂଚନା ଦେଇଛନ୍ତି। ଏଥିରେ ମହାସଂଘର ସର୍ବଭାରତୀୟ ସଙ୍ଗଠନ ସମ୍ପାଦକ ବସନ୍ତ ସାହୁ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ବିରଞ୍ଚି ନାରାୟଣ ପଣ୍ଡା, ଓଡ଼ିଶା କୋଠାବାଡ଼ି ନିର୍ମାଣ ମଜଦୁର ସଂଘର ରାଜ୍ୟ ସଭାପତି ଅରୁଣ ଲେଙ୍କା, ଚପଳା ନାୟକ, ଅକ୍ଷୟ ଦାସ, ବୀଣାପାଣି ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁନନ୍ଦା ନାଥ, ସନ୍ତୋଷ ଭୂୟାଁ, ଭାଗୀରଥି ବେହେରା, ବୈକୁଣ୍ଠ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରେ ଆଉ ଏକ ରାଜ୍ୟସ୍ତରୀୟ ପାଇକ ସମାବେଶ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଆସନ୍ତା ୨୭ରେ ଭୁବନେଶ୍ୱରଠାରେ ଆଉଏକ ରାଜ୍ୟସ୍ତରୀୟ ପାଇକ ସମାବେଶ ହେବ। ଓଡ଼ିଶା ବୀର ମହାସଂଘ ପକ୍ଷରୁ ଶନିବାର ଭୁବନେଶରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଏହି ରାଜ୍ୟସ୍ତରୀୟ ବିଶାଳ ଜନଗର୍ଜନ ପାଇକ ସମାବେଶ ପରିପ୍ରେକ୍ଷୀରେ ମଧାହ୍ନ ୧୨ରେ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ରାମ ମନ୍ଦିର ଛକ ଦେଇ ଏକାମ୍ର ହାଟ ନିକଟରେ ପହଞ୍ଚି। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଯେପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ପୁଣି ଦାବିପତ୍ର ପ୍ରଦାନ କରାଯିବ। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ, ପାର୍ଲାମେଣ୍ଟରେ ରାଲି କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ଯୋଗଦାନ କରିବାକୁ ଚାହୁଁଥିବା ପାଇକ ଦଳମାନେ ନଂ. ୯୪୩୭୨୮୭୦୭ରେ ଯୋଗାଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ଜାନୁୟାରୀ ୨୪ରେ ଦିଲ୍ଲୀର ଲାଲକିଲ୍ଲାକାରେ ପାଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ଓ ସଂଯୋଜକ ଗଣେଶ ସାମନ୍ତ ଉପସ୍ଥିତ ଥିଲେ।

## ଖଦି ଗ୍ରାମୋଦ୍ୟୋଗ ଭବନ ଉଦ୍‌ଘାଟିତ


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

**ଟିଗିରିଆ,୨୫।୧୨ (ଡି.ଏନ.ଏ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାର ଉପର ମହଲାରେ ଖଦି ବସ୍ତ୍ରର ଏକ ଶୋ'ରୁମ ଖଦି ଗ୍ରାମୋଦ୍ୟୋଗ ଭବନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥିଭାବେ କେନ୍ଦ୍ର ସରକାରଙ୍କ ଅଧୀନ ଖଦୀ କମିଶନର ରାଜ୍ୟ ନିର୍ଦ୍ଦେଶକ ସମୀର ମହାନ୍ତି, ନୀଳାଚଳ ଖଦୀର ସମ୍ପାଦକ ଭାଗୀରଥି ନନ୍ଦ, ଆଦର୍ଶ ଖଦୀର ସମ୍ପାଦକ ଜୟକୃଷ୍ଣ ଗୁଇଁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଏଭଳି ଶୋ'ରୁମ ଖୋଲା ଯାଇଥିବାରୁ ଲୋକେ ଖଦି ସାମଗ୍ରୀ ବ୍ୟବହାରରେ ଅଭ୍ୟସ୍ତ ହେବେ ବୋଲି ନିର୍ଦ୍ଦେଶକ ମହାନ୍ତି କହିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଖଦି ସଂସ୍ଥା ଗ୍ରାମ ବିକାଶ ପରିଷଦର ସମ୍ପାଦକ ପ୍ରକାଶ କୁମାର ଦାସ ପରିଚାଳନା କରିଥିଲେ। ଏହି ଅବସରରେ ଖଦି ବସ୍ତ୍ର ବୁଣାକାରମାନେ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଫୁଲନଖରା,୨୫।୧୨(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ବନ୍ଧଛଡା କାଚରମାଳସ୍ଥିତ ଓମ୍‌ଫେଡ୍ କଲୋନୀ ପଡିଆରେ ଶନିବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜୋନ୍-୪ ଏସିପି ଚନ୍ଦନ ଘଡେଇ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୪ଟି ଟିମ୍ ଭାଗ ନେଇଛି। ପ୍ରଥମ ଦିନରେ ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।


ବଡ଼ଦିନ ପାଇଁ ଶନିବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ ଯୋଗୁ ଫସି ରହିଥିବା ଗାଡିମୋଟର।

## ୟୁଥ୍ ଫୁଟ୍‌ବଲ କ୍ଲବ ବିଜୟୀ

**ଟିଗିରିଆ,୨୫।୧୨(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନିଷ୍ଟାଡିୟମରେ ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାରଠାରୁ ଆରମ୍ଭ ହୋଇଛି। ଦିବ୍ୟଜ୍ୟୋତି ଆସୋସିଏଶନ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ କଟକର ୟୁଥ ଫୁଟ୍‌ବଲ କ୍ଲବ ଓ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ୟୁଥ୍ କ୍ଲବ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୟୁଥ କ୍ଲବର ୭ ନଂ.ଖେଳାଳି ବବୁଲୁ ସାହୁ ଏକ ଗୋଲସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ସଞ୍ଜୟ ମଲ୍ଲିକ, ରଘୁନାଥ ଦାଶ ଯୋଗଦେଇଥିଲେ। କଟକ ଦଳର ବବୁଲୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଖେଳକୁ ରେଫରି ସଞ୍ଜୀବ ଦାଶ ପରିଚାଳନା କରିଥିଲେ। ଲାଇନରେ ଅରୁଣ ନାୟକ ଓ ଅନିଲ ନନ୍ଦ ସହାୟତା କରିଥିଲେ। ୪ର୍ଥ ରେଫରିଭାବେ ପ୍ରତାପ ଦାଶ ଓ ସୁବାସ ମୁଦୁଲି ଦାୟିତ୍ୱ ନିର୍ବାହ କରିଥିଲେ। ରବିବାର ୨ୟ ମ୍ୟାଚ ପାଞ୍ଚଗାଁ ବନାମ ସିଡିଏ କଟକ ମଧ୍ୟରେ ଅନୁଷ୍ଠିତ ହେବ।

### 'ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ' ଲୋକାର୍ପିତ

**ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)**

ବଡ଼ଦିନ ଅବସରରେ ଶନିବାର ଟାଇମ୍ ପାସ ପ୍ରକାଶନ ତରଫରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ଡ. ଅର୍ଚ୍ଚନା ନାୟକ ଓ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ମିନତୀ ମିଶ୍ରଙ୍କ ଷଷ୍ଠ କବିତା ସଙ୍କଳନ 'ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ'କୁ ଲୋକାର୍ପଣ କରିଥିଲେ। ଡ଼. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରକାଶକ ସରୋଜ ବଳ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ଶାନ୍ତି ମହାନ୍ତି ଲୋକାର୍ପିତ ପୁସ୍ତକର ଶୀର୍ଷକ ଗୀତଟିକୁ ଗାୟନ କରିଥିଲେ। ଅବିନାଶ ସାହୁ ଓ ଅରୁଣ ଦାସ ପରିଚାଳନାରେ ସହଯୋଗ କରିଥିଲେ।

## ଚର୍ଚ୍ଚରୁ ଶ୍ରଦ୍ଧାଳୁଙ୍କୁ ବାହାରକଲା ପୋଲିସ



**କଟକ ଅଫିସ,୨୫।୧୨**

**କଟକଣା ଉଲ୍ଲଂଘନ**

କରୋନା ଯୋଗୁ କଟକ ସହରରେ ବଡଦିନ ଓ ଜିରୋ ନାଇଟ୍ ସେଲିବ୍ରେଶନ ଉପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ଗୋଟିଏ ସ୍ଥାନରେ ଅଧିକ ସଂଖ୍ୟକ ଲୋକ ଭିଡ ନ କରିବା ପାଇଁ କୁହାଯାଇଛି। ହେଲେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଶନିବାର କଟକଣା ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଛି। ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଗହଳି ଜମିଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ୫୦ ଜଣଙ୍କୁ ରଖି ଅନ୍ୟମାନଙ୍କୁ ବିଦା କରିଥିଲା ବୋଲି ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସହରର ଅନ୍ୟ ଚର୍ଚ୍ଚଗୁଡିକରେ କୋଭିଡ୍ କଟକଣା ପାଳନ କରି ୫୦ ପ୍ରତିଶତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଉପସ୍ଥିତ ରହି ବଡଦିନ ପାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ଚର୍ଚ୍ଚକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜା ଯାଇଥିଲା। ଶ୍ରଦ୍ଧାଳୁମାନେ କ୍ୟାଣ୍ଡେଲ ଜାଳିବା ସହ ସାମୂହିକ ପ୍ରାର୍ଥନା କରି ଯିଶୁଙ୍କ ଧରାବତରଣକୁ ସ୍ୱାଗତ କରିଥିଲେ।

### ପ୍ରତିଭା ଦେଖାଇଲା କାର୍ନିଭାଲ 'ଗାଲା'

**ଭୁବନେଶ୍ୱର,୨୫।୧୨**

ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ (ବିଏମ୍‌ପିଏସ୍) ତକ୍ଷଶୀଳା ଓ ଭୁବନେଶ୍ୱର କ୍ଲବ୍‌ର ମିଳିତ ସହଯୋଗରେ ଶୁକ୍ରବାର କାର୍ନିଭାଲ୍ ଗାଲା କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଓ କଟକର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୋଭିଡ୍ ଯୋଗୁ ଛାତ୍ରୀଛାତ୍ରମାନେ ବହୁଦିନ ଧରି କୌଣସି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନ ଥିଲେ। ଏହାକୁ ନଜରରେ ରଖି ଉଭୟ ସଂସ୍ଥା ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଚେସ୍, କୁଇଜ୍, ଚିତ୍ରାଙ୍କନ, ପେଣ୍ଟିଂ, ଡ୍ୟାନ୍ସ, ଟେବୁଲ ଟେନିସ୍ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମନୋଜ୍ଞ ପରିବେଶ ସୃଷ୍ଟି ସାଙ୍ଗକୁ ଅଭିଭାବକ ଓ ପିଲାମାନେ ରଙ୍ଗୋଲି, ମ୍ୟୁଜିକ ଚେୟାର ଭଳି ପ୍ରତିଯୋଗିତାରେ ଭାଗନେଇ ପୁରସ୍କାର ଜିତିଥିଲେ। କ୍ଲବ ସଭାପତି ଅସିତ ତ୍ରିପାଠୀ ବିଜେତାଙ୍କୁ ପୁରସ୍କୃତ କରିଥିଲେ।

## 'ଛାତ୍ରୀଛାତ୍ର ନିଜ ଉଦ୍ୟମରେ ଉଦ୍ୟୋଗୀ ହୁଅନ୍ତୁ'

**କଟକ ଅଫିସ,୨୪।୧୨**

**ବୋସ୍‌ରେ ରୌପ୍ୟ ଜୟନ୍ତୀ ସମାରୋହ**

ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ (ବୋସ୍) ୧୯୯୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୋସ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୯୯୬ ମସିହାର ପୂର୍ବତନ ଅଧକ୍ଷ ଭି.ଏଲ. ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯନ୍ତ୍ରୀମାନଙ୍କ ଦେଶ ପାଇଁ ନିଷ୍ପାପର ସେବା ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ନିଜ ଉଦ୍ୟମରେ ଉଦ୍ୟୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧକ୍ଷ ଜ୍ଞାନରଞ୍ଜନ ରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ବିଶିଷ୍ଟ ଅତିଥି ଜି. ରାମଶଙ୍କର ଗୁରୁ-ଶିଷ୍ୟର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ୧୯୯୬ ବ୍ୟାଚ୍ ୭ଟି ବିଭାଗର ୧୧୨ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ପୁରୁଣାଦିନର ସ୍ମୃତି ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ପ୍ରତିଭା ମିତ୍ର, ଜି.ବି. ଦାଶ, ଗୌର ମହାନ୍ତି, ରାମସେବକ ବରାଳ, ଅମିୟ ରଥ, ପ୍ରମୋଦ ଦାଶ, ପ୍ରତ୍ୟୁଷ ସୁବୁଦ୍ଧି, ଜ୍ଞାନରଞ୍ଜନ ପଣ୍ଡା, କେଶବ ମହାରଣା, ସୀତାକାନ୍ତ ମହାପାତ୍ର, ମମତା ପ୍ରିୟଦର୍ଶିନୀ, ସମାପ୍ତି ସେନାପତି ପ୍ରମୁଖ ଉପସ୍ଥିତଥିଲେ। ଦାମୋଦର ଦାଶ ଧନ୍ୟବାଦ ଦେଇଥିଲେ।


ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତି ଜାଳି ପ୍ରଭୁ ଯିଶୁଙ୍କୁ ଆରାଧନା କରୁଛନ୍ତି।


ଧରାବତରଣ କରିଥିବା ପ୍ରଭୁ ଯିଶୁଙ୍କୁ ସ୍ପର୍ଶ କରି ଜଣେ ଯୁବତୀ ଭକ୍ତି ନିବେଦନ କରୁଛନ୍ତି।


ସମୂହ ପ୍ରାର୍ଥନା ଅବସରରେ ସତ୍ୟନଗର ଚର୍ଚ୍ଚରେ ଫାଦର ଶ୍ରଦ୍ଧାଳୁଙ୍କୁ ପ୍ରଭୁ ଯିଶୁଙ୍କ ବାଣୀ ଶୁଣାଉଛନ୍ତି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ହାତୀ ଗୁରୁତର



ନିରାକାରପୁର/ଟାଙ୍ଗୀ(ଖୋର୍ଦ୍ଧା), ୨୫।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର ଷ୍ଟେଶନ ଦକ୍ଷିଣ ପଟ କନ୍ତଲବାଇ ଲେଭଲ କ୍ରସିଂ ନିକଟରେ ଶନିବାର ମାଲବାହୀ ଟ୍ରେନ୍ ଧକ୍କାରେ ଏକ ହାତୀ ଗୁରୁତର ଆହତ ହୋଇଛି। ସୂଚନା ମୁତାବକ, କନ୍ତଲବାଇ ଲେଭଲ କ୍ରସିଂ ନିକଟରେ ୧୯ଟିକିଆ ହାତୀ ପଲ ସନ୍ଧ୍ୟାରେ ରେଳ ଧାରଣା ଅତିକ୍ରମ କରୁଥିଲେ। ଏହି ସମୟରେ ଖୋର୍ଦ୍ଧା ରୋଡରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଏଥିରେ ଗୋଟିଏ ହାତୀ ଆହତ ହୋଇଥିବା ବେଳେ ଅନ୍ୟ ସମସ୍ତ ହାତୀ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଖବରପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଉପରେ ନଜର ରଖିଛନ୍ତି।

### ୪ ହଜାର ଲିଟର ପୋଚ ନଷ୍ଟ

ବାଣପୁର,୨୫।୧୨(ଡି.ଏନ୍.ଏ.): ବାଣପୁର ବରବରା ଓ ନୀଳାଦ୍ରିପ୍ରସାଦ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିପୁଳ ଦେଶୀ ମହୁଲି ମଦ ତିଆରି ହେବା ସହ ବିଭିନ୍ନ ଅଞ୍ଚଳକୁ ରପ୍ତାନି ହେଉଥିଲା। ଏହାକୁ ରୋକିବା ଲାଗି ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରିଆସୁଥିଲେ। ଶନିବାର ପୂର୍ବାହ୍ନରେ ଟାଙ୍ଗୀ, ବାଲୁଗାଁ ଅବକାରୀ ବିଭାଗ, ବାଣପୁର ପୋଲିସ ଓ ତହସିଲଦାରଙ୍କ ମିଳିତ ଚଢ଼ାଉରେ ଦାମିଆ ବରବରା ଜଙ୍ଗଲର କୋଷରଡା ଅଞ୍ଚଳରୁ ପ୍ରାୟ ୪ହଜାର ଲିଟରରୁ ଊର୍ଦ୍ଧ୍ୱ ମହୁଲି ପୋଚ ନଷ୍ଟ କରାଯାଇଛି। ଏଥିସହ ୩୫୦ ଲିଟର ଦେଶୀ ମଦ ଓ ବିଭିନ୍ନ ଆସବାବପତ୍ର ଜବତ କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

ଜଟଣୀ,୨୫।୧୨(ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ କୁହା ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାସିନୀ ଦେଈ(୬୨)ଙ୍କ ପରଲୋକ ହୋଇଯାଇଛି। କଣ୍ଟିଲୋ ୟୁପି ସ୍କୁଲରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଅବସର ନେବା ପରେ ପ୍ରଭାସିନୀ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଧାୟକ ସୁରେଶ କୁମାର ରାଉତରାୟ, ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, କବି ସୂର୍ଯ୍ୟ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ସବ୍ୟସାଚୀ ସେନାପତି ମୁଖାଗ୍ନି ଦେଇଥିଲେ।

### ସାମାଜିକକର୍ମୀ ଶଶି ଭୂଷଣଙ୍କ ଶ୍ରାଦ୍ଧୋତ୍ସବ

ବାଣପୁର,୨୫।୧୨(ଡି.ଏନ୍.ଏ.): ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଭାଇ ତଥା ସାମାଜିକ କର୍ମୀ ଶଶି ଭୂଷଣ ହରିଚନ୍ଦନଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ପର୍ଶୁରାମ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରେମରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସାମାଜିକକର୍ମୀ ଶୁଶୀଳ କୁମାର ବିଶୋଇ ମୁଖ୍ୟ ବକ୍ତା, ଦୁଷ୍ମନ୍ତ ହରିଚନ୍ଦନ ବକ୍ତାଭାବେ ଯୋଗଦେଇ ତାଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଶ୍ରାଦ୍ଧୋତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସାର୍ବଜନୀନ ହୋଇନି କମିଶନ ରିପୋର୍ଟ

ପୁରୀ ଅଫିସ,୨୫।୧୨

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପୁରୀ ଜିଲା ପ୍ରଶାସନର ତଥ୍ୟ ମେଳ ଖାଉ ନ ଥିବାବେଳେ ରଘୁବୀର ଦାସ କମିଶନ ରିପୋର୍ଟକୁ ସାର୍ବଜନୀନ କରିବା ଦାବି ଜୋର ଧରୁଛି। ଚାବି ହଜିବା ଘଟଣା ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଏକ ନାଟକ ଥିଲା ଅଥବା ବାସ୍ତବରେ ଚାବି ହଜିଥିଲା ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଅନ୍ୟପକ୍ଷରେ ରଘୁବୀର ଦାସ କମିଶନ ରିପୋର୍ଟ ସାର୍ବଜନୀନ ନ ହେବା, ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିଲେ ମଧ ଖୋଲାଯାଇ ମରାମତି ନ କରାଯିବା ଭଳି ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ଆଙ୍ଗୁଳି ଉଠାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ରଘୁବୀର ଦାସ କମିଶନଙ୍କୁ କେଉଁ କେଉଁ ତଥ୍ୟ, ଚିଠି ଓ ଦସ୍ତାବିଜ୍ ପ୍ରଦାନ କରିଛନ୍ତି ସେନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ ତାହା ମିଳୁନାହିଁ। ବିଧାନସଭାରେ ଏହି ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାରୁ ଏ ସମ୍ପର୍କିତ ସୂଚନା ଦିଆଯାଇପାରିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ତେବେ ୨୦୧୮ ଜୁନ ୪ରେ ମୁଖ୍ୟମନ୍ତ୍ରୀ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ନିଯୁକ୍ତ କରିଥିଲେ। ୩ ମାସ ମଧରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ନିର୍ଦ୍ଧାରିତ ସମୟସୀମାରେ ତଦନ୍ତ ନ ସରିବାରୁ ଏହାକୁ ଆହୁରି ୩ ମାସ ସଂପ୍ରସାରଣ କରାଯାଇଥିଲା। ଶେଷରେ ୨୦୧୮ ନଭେମ୍ବର ୨୮ରେ




ତଦନ୍ତ କମିଶନ ୩୨୪ ପୃଷ୍ଠାର ରିପୋର୍ଟ ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୨୨ଲକ୍ଷ ୨୭ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ତଦନ୍ତ ରିପୋର୍ଟ ପ୍ରଦାନ କରାଯିବାର ୩ବର୍ଷ ବିତିଯାଇଥିଲେ ମଧ ଏହା ବିଧାନସଭାରେ ଉପସ୍ଥାପିତ ହୋଇପାରିନାହିଁ। ଫଳରେ ରାଜ୍ୟବାସୀ ଏହି ରିପୋର୍ଟ ସମ୍ପର୍କରେ ଜାଣିବାରେ ବିଫଳ ହେଉଛନ୍ତି। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ଚାବି ପ୍ରସଙ୍ଗରେ ବାସ୍ତବରେ କ'ଣ ଘଟିଥିଲା, କାହାର ଦୋଷ ଥିଲା ଓ ଚାବି କିପରି ହଜିଲା ଭଳି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ମିଳିନାହିଁ। ସରକାର ରିପୋର୍ଟ ନିଜ ପାଖରେ ରଖିବା ଉଦ୍ଦେଶ୍ୟରେ ତଦନ୍ତ କମିଶନ ବସାଇଥିବା ଭଳି ଅନୁଭବ ହେଉଛି। ରିପୋର୍ଟ ସମ୍ପର୍କରେ ଜାଣିବାର ଅଧିକାର ପ୍ରତିଟି ଓଡ଼ିଆଙ୍କର ରହିଛି ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଲାଗୁ କରି ରାଜ୍ୟବାସୀଙ୍କର ଅଧିକ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଛନ୍ତି। ଏଭଳି ସ୍ଥଳେ ଚାବି ହଜିବା ଘଟଣାରେ ପାରିଦର୍ଶିତା ଦେଖାଉନାହାନ୍ତି କାହିଁକି ତାହା ବୁଝାପଡ଼ୁନାହିଁ। ରାଜ୍ୟ ସରକାର ତୁରନ୍ତ ରିପୋର୍ଟ ସାର୍ବଜନୀନ କରି ନିଜର ନିର୍ଦ୍ଦୋଷତାର ପ୍ରମାଣ କରନ୍ତୁ ବୋଲି ବରାଳ କହିଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା 'କଳ୍ପନା', କ୍ଷୁଦ୍ରକାବ୍ୟ 'ମୃଗ ମହାଦେବ ଚରିତ' ଉନ୍ମୋଚନ କରୁଛନ୍ତି।

## କୋରେକ୍ସ ବିକ୍ରି ୩ ଗିରଫ

ପୁରୀ ଅଫିସ,୨୫।୧୨

ବେଆଇନ ଭାବେ କୋରେକ୍ସ ବିକ୍ରିବା ଅଭିଯୋଗରେ ବିଭିନ୍ନ ଥାନା ପକ୍ଷରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଟିଆପଡ଼ା ଅଞ୍ଚଳର ସରୋଜ କୁମାର ସାହୁ, ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକ ଏବଂ ଦେଉଳି ସାହିର ଲୋକନାଥ ସାହୁ। ଏମାନଙ୍କଠାରୁ ବିପୁଳ ପରିମାଣର କୋରେକ୍ସ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# 'ଅର୍ଥନୈତିକ ବିକାଶର ମାନଦଣ୍ଡ କୃଷକ'

**କିଷାନ ସଂଘର ପ୍ରଦେଶ ଅଧିବେଶନ**

ଖୋର୍ଦ୍ଧା ଅଫିସ, ୨୫।୧୨

ଭାରତୀୟ କିଷାନ ସଂଘ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ଶନିବାର ଖୋର୍ଦ୍ଧାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଦୁଇଦିନିଆ ପ୍ରଦେଶ ଅଧିବେଶନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର କର୍ମକର୍ତ୍ତା ଯୋଗଦେଇଛନ୍ତି। ରାଜ୍ୟ ସଭାପତି ରାଧେକୃଷ୍ଣ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ, କୃଷକ ହେଉଛନ୍ତି ଦେଶର ଅର୍ଥନୈତିକ ବିକାଶର ମାନଦଣ୍ଡ। କୃଷକ ସମାଜର ସମୃଦ୍ଧି ଘଟିଲେ, ଦେଶର




ଅଧିବେଶନରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ବୋଧନ ଦେଉଛନ୍ତି।

ପ୍ରଗତି ଘଟିବ। ଚାଷୀଭାଇମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ହେବା ଜରୁରୀ। ତେଣୁ କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ମୋହିନୀ ମୋହନ ମିଶ୍ର, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସାଇ ରେଡ୍ଡୀ, ରାଜ୍ୟ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ଜିଲା ସଭାପତି ବୈକୁଣ୍ଠନାଥ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ଜୈବିକ ପଦ୍ଧତିରେ ଚାଷ, ସମନ୍ୱିତ ମିଶ୍ର ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସମ୍ପାଦକ ଗଗନ ବିହାରୀ ପ୍ରତିହାରୀ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍କୁଲରେ ଦିନିକିଆ ମାଗଣା ହାଟ

ବାଣପୁର, ୨୫।୧୨ (ଡି.ଏନ୍.ଏ.)

ବାଣପୁର ବ୍ଲକ ନିକଟ ତହସିଲ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ବଡ଼ଦିନ ଅବସରରେ ଦିନିକିଆ ମାଗଣା ହାଟ ଅଧକ୍ଷ ଡ. ଶକ୍ତି ପ୍ରସାଦ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ଗରିବ ଲୋକମାନଙ୍କୁ ମାଗଣାରେ ଶୀତ ବସ୍ତ୍ର, ଶାଢ଼ି, ଶାର୍ଟ, ପ୍ୟାଣ୍ଟ, ଖାତା, କଲମ, ବହି ଆଦି ବଣ୍ଟନ କରାଯାଇଥିଲା। ଏହି ମାଗଣା ହାଟରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଶିକ୍ଷକ ସତ୍ୟନାରାୟଣ ପ୍ରଧାନ, ରବି ନାରାୟଣ ହୋତା, ମହେଶ ଆଚାରୀ, ବିଶ୍ୱଜିତ୍ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜବରଦଖଲରେ ବିଜୁ ଆଦର୍ଶ କଲୋନୀ ଜାଗା

ଜଟଣୀ,୨୫।୧୨(ଡି.ଏନ୍.ଏ.)

ଜଟଣୀର ରେଲୱେ ଅଞ୍ଚଳରୁ ବିସ୍ଥାପିତ ହୋଇଥିବା ଲୋକେ ପୌରପରିଷଦ ପକ୍ଷରୁ ଚିହ୍ନଟ ହୋଇଥିବା ବିଜୁ ଆଦର୍ଶ କଲୋନୀ ଜାଗାକୁ ଜବରଦଖଲ କରିଛନ୍ତି। ସୂଚନାଥାଉ କି, ଖୋର୍ଦ୍ଧାରୋଡ୍ ରେଲୱେ କଲୋନୀ ଅଞ୍ଚଳରେ ଅସ୍ଥାୟୀ ଭାବେ ରହି ଆସୁଥିବା ୭୦୦ରୁ ଊର୍ଦ୍ଧ୍ୱ ଝୁମ୍ପୁଡିବାସିନ୍ଦାଙ୍କୁ ରେଳ ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଇଥିଲା। ଥଇଥାନ ପାଇଁ ବାସିନ୍ଦାମାନେ ବାରମ୍ବାର ପୌରପରିଷଦ, ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ ମଧ ନିରାଶ ହୋଇଥିଲେ। ଫଳରେ ବାସିନ୍ଦାମାନେ ଘର ବାରଣ୍ଡା, ଗଛ ମୂଳ ସହିତ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇ ରହିଥିଲେ। ଜଟଣୀର ସ୍ୱେଚ୍ଛାସେବୀ ସଙ୍ଗଠନ ମାହାତ୍ମା ଗାନ୍ଧୀ ଓ ଲାଲବାହାଦୁର



ବିଜୁ ଆଦର୍ଶ କଲୋନୀ ଜାଗାରେ ଗଢ଼ି ଉଠିଥିବା ଅସ୍ଥାୟୀ ଘର।

ଶାସ୍ତ୍ରୀ ସ୍ମୃତି କମିଟି ଏମାନଙ୍କୁ ଥଇଥାନ ପାଇଁ ପ୍ରଶାସନ ନିକଟରେ ନିବେଦନ କରିଥିଲା। ଗାନ୍ଧୀ ଓ ଶାସ୍ତ୍ରୀ ସ୍ମୃତି କମିଟିର ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଝୁମ୍ପୁଡିବାସିନ୍ଦା ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରଖିବାକୁ ତହସିଲଦାର ତପନ କୁମାର ମହାପାତ୍ରଙ୍କ ନିକଟରେ ଦାବି କରିଥିଲେ। ଏନେଇ ତହସିଲଦାର ମହାପାତ୍ର ଝୁମ୍ପୁଡିବାସିନ୍ଦାଙ୍କୁ ଥଇଥାନ ନ କରିବା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ନ କରିବା ପାଇଁ ଚିଠି ମାଧମରେ ନିବେଦନ କରିଥିବା ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ତହସିଲଦାରଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ପରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ଗାନ୍ଧୀ ଓ ଶାସ୍ତ୍ରୀ ସ୍ମୃତି କମିଟି ସଭାପତି ମିଶ୍ର ଓ ପୂର୍ବତନ କାଉନସିଲର ଅନନ୍ତ ବେହେରା ଜିଲାପାଳଙ୍କ ସହ ମଧ ଆଲୋଚନା କରିଥିଲେ ମଧ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଲା ନାହିଁ। ଶନିବାର ସକାଳେ ଗାନ୍ଧୀ ଓ ଶାସ୍ତ୍ରୀ ସ୍ମୃତି କମିଟି ସଭାପତି ମିଶ୍ରଙ୍କ ନେତୃତ୍ୱରେ ବିସ୍ଥାପିତ ବସ୍ତିବାସିନ୍ଦା ପୌରପରିଷଦ ପକ୍ଷରୁ ଚିହ୍ନଟ ହୋଇଥିବା ବିଜୁ ଆଦର୍ଶ କଲୋନୀ ଜାଗାକୁ ଅକ୍ତିଆର କରିବା ସହ ସେଠାରେ ରହିଥିଲେ। ଉପଦେଷ୍ଟା ଆଇନଜୀବୀ ଶିବୁ ରଥ, ସ୍ମୃତି କମିଟିର ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, ବସ୍ତିବାସିନ୍ଦା ମହିଳା ସଂଘ ସଭାନେତ୍ରୀ ସାରଦା ଦାସ, ସମ୍ପାଦିକା ରୀତା ଦେଈ, କୋଷାଧ୍ୟକ୍ଷା ରିନା ବେହେରା, ତ୍ରୟିଲୋକି ସିଂ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ତହସିଲଦାର ମହାପାତ୍ରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳିପାରି ନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଂଶୁମାନ



@ ସାତାକାନ୍ତ



@ ସୁରେନ୍ଦ୍ର



@ ସୋନାଲି



@ ବାସନ୍ତୀ



@ ସୁମନ୍ତ

## ପିସିଆର କର୍ମଚାରୀଙ୍କୁ ଆକ୍ରମଣ, ଜଣେ ଗିରଫ

ଝାଁଲା,୨୫।୧୨(ଡି.ଏନ୍.ଏ.)

ଝାଁଲା ଫାଣ୍ଡି ପିସିଆର କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଶନିବାର ଝାଁଲା ଫାଣ୍ଡି ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଙ୍ଗପଡ଼ା ଗ୍ରାମର ଚନ୍ଦନ ପାଇକରାୟ। ସୂଚନା ମୁତାବକ, ଗତ ୨୨ତାରିଖ ସନ୍ଧ୍ୟା ୭ଟା ୩୦ରେ ୧୬ନଂ. ଜାତୀୟ ରାଜପଥ ଗଙ୍ଗପଡା ଛକ ନିକଟରେ ଏକ ସ୍କୁଟିକୁ କାର ଧକ୍କା ଦେଇ ରାସ୍ତା ମଝିରେ ରହିଯାଇଥିଲା। ଖବରପାଇ ଝାଁଲା ପିସିଆର-୩୨ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ରାସ୍ତା ମଝିରୁ ହଟାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଗଙ୍ଗପଡାର ୩ଜଣ ଯୁବକ ପହଞ୍ଚି ରାସ୍ତାରୁ ଗାଡ଼ି ନ ହଟେଇବା ଲାଗି କହିବା ସହ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୬୮୫/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ଚନ୍ଦନକୁ ଗିରଫ କରାଯାଇଥିବା ବେଳେ ଆଉ ୨ ଅଭିଯୁକ୍ତଙ୍କୁ ଖବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।




ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରି ନିର୍ମାଣକୁ ପୁରୀ ସୁଜାତାନଗର ଫେଜ୍-୨ ବାସିନ୍ଦା ବିରୋଧ କରି ଶନିବାର ସମ୍ପୃକ୍ତ ସ୍ଥାନରେ ଧାରଣା ଦେଇଛନ୍ତି।



ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ପୁରୀ-କୋଣାର୍କ ବେଳାମାର୍ଗରେ ଶନିବାର ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ରାସ୍ତାରେ ପାଚେରି ନିର୍ମାଣକୁ ବିରୋଧ

**ପୁରୀ ଅଫିସ, ୨୫।୧୨:** ପୁରୀ ପୌରସଂସ୍ଥା ଅନ୍ତର୍ଗତ ସୁଜାତାନଗର ଫେଜ-୨ ମୁଖ୍ୟରାସ୍ତା ଉପରେ ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରୀ ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏ ନେଇ ସୁଜାତାନଗର ଫେଜ୍-୨ର ବାସିନ୍ଦା ଶନିବାର ସେଠାରେ ଧାରଣା ଦେଇଥିଲେ। ସେମାନେ କହିଛନ୍ତି, ସୁଜାତା ନଗର, ଫେଜ୍-୨, ମାଟିତୋଟା ସାହିରେ ପ୍ରାୟ ୩ହଜାର ଲୋକ ବାସ କରୁଛନ୍ତି। ଏହି ସାହିରୁ ମୁଖ୍ୟରାସ୍ତାକୁ ଯିବା ପାଇଁ ଏକମାତ୍ର ରାସ୍ତା ଶ୍ରୀକ୍ଷେତ୍ର କୃଷକ ବଜାର ବାମପଟେ ରହିଛି। ତେବେ ଶ୍ରୀକ୍ଷେତ୍ର କୃଷକ ବଜାର ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ମନମୁଖି ଭାବେ ସାହି ରାସ୍ତାକୁ ସଙ୍କୁଚିତ କରି ପାଚେରୀ ନିର୍ମାଣ କରୁଛନ୍ତି। ରାସ୍ତା ସଙ୍କୁଚିତ ହେବା ଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେବ। ସେହିପରି ସାହିର ବିଦ୍ୟୁତ ଟ୍ରାନ୍ସଫର୍ମର କୃଷକ ବଜାର ପାଚେରୀ ପରିସର ମଧ୍ୟରେ ରହିବ। ଯାହାଦ୍ୱାରା ଆଗାମୀ ଦିନରେ ସାହି ବାସିନ୍ଦା ଅନେକ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ସାହିର ମୁଖ୍ୟ ରାସ୍ତା କଡ଼କୁ କିଛି ଦୂର ଛାଡ଼ି କୃଷକ ବଜାର ପାଚେରୀ ନିର୍ମାଣ କରାଯିବାକୁ ଦାବି କରାଯାଇଛି।

### ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ଭୁବନେଶ୍ୱର, ୨୫।୨୧(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ଲୁଟେରା। ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ ବରମୁଣ୍ଡା ଜଗନ୍ନାଥ ବିହାରରେ ରହୁଥିବା ଝରଣା ମହାନ୍ତି (୪୧)। ଏନେଇ ଝରଣା ଥାନାରେ ଅଭିଯୋଗ କରିବା ସହ ଲୁଟେରାଙ୍କ ଗାଡିର ନମ୍ବର ମଧ୍ୟ ପୋଲିସକୁ ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଝରଣା ଶନିବାର ବରମୁଣ୍ଡା ଫାୟାରଷ୍ଟେଶନ ଦେଇ ସ୍କୁଟିରେ ଯାଉଥିଲେ। ନୟାପଲ୍ଲୀ ଦୁର୍ଗାମଣ୍ଡପ ଛକ ନିକଟରେ ଗୋଟିଏ କଳା ପଲସରରେ ୨ଜଣ ଲୁଟେରା ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଉଥିବାବେଳେ ଝରଣା ବାଧା ଦେଇଥିଲେ। ହେଲେ ଲୁଟେରାଦ୍ୱୟ ତାଙ୍କୁ ଧକ୍କା ମାରି ଚମ୍ପଟ ମାରିଥିଲେ।

### ବିଏଡ୍ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯାଉ

**ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ**

**ପୁରୀ ଅଫିସ, ୨୫।୧୨:** ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ବିଏଡ୍ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯିବା ଓ ଆବେଦନ ତାରିଖ ଫେବୃଆରୀ ୨୦କୁ ଘୁଞ୍ଚାଇବା ପାଇଁ ଦାବି ହୋଇଛି। ଏନେଇ ବିଏଡ୍ ଶେଷବର୍ଷର ଛାତ୍ରୀଛାତ୍ରମାନେ ପୁରୀ ଜିଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେଇଛନ୍ତି। ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି, ବିଏଡ୍ ପାଠ୍ୟକ୍ରମର ଅବଧି ସରିଯାଇଥିଲେ ମଧ ମହାମାରୀ କରୋନା କାରଣରୁ ଶେଷ ବର୍ଷର ପରୀକ୍ଷା ଜାନୁୟାରୀ ମାସରେ କରିବାକୁ ଇଗ୍ନୋ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ସେସନରେ ଦୁଇଥର ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଛାତ୍ରୀଛାତ୍ରମାନେ ମାନସିକ ଓ ଆର୍ଥିକ କ୍ଷତିରେ ରହିଛନ୍ତି। ଏ ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତିରେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ସହ ନିଯୁକ୍ତି ନିମନ୍ତେ ଥିବା ଆବେଦନର ଶେଷ ତାରିଖ ଫେବୃୟାରୀ ୨୦ ତାରିଖକୁ ଧାର୍ଯ୍ୟ କରିବାକୁ ଦାବି କରାଯାଇଛି।

# ‘ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମି ଫେରାଅ’

■ଦାବି ରଖିଲେ ଜଟଣୀ ବିଧାୟକ
■ଏପ୍ରିଲ ୧ରେ ନବୀନ ନିବାସ ଘେରାଉ ଚେତାବନୀ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

୨୦୧୨ ମସିହାରେ ଜଣେ ସେଟେଲମେଣ୍ଟ ଅଫିସର ଜଟଣୀ ମ୍ୟୁନିସିପାଲିଟି ଓ ତା’ର ପାର୍ଶ୍ୱବର୍ତ୍ତୀ ପ୍ରାୟ ୨୬ ଗ୍ରାମର ପୈତୃକ ସ୍ଥିତିବାନ ଭୂସମ୍ପତ୍ତିକୁ ଭୁଲ୍ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେଇଥିଲେ। ସେବେଠାରୁ ଦୀର୍ଘ ୯ ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିଜମାକୁ ପୁନଶ୍ଚ ନିଜ ନାମରେ ଫେରାଇ ଆଣିବା ପାଇଁ ଆମେ ସଂଘର୍ଷ କରି ଆସୁଛୁ। ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମିକୁ ଆମକୁ ଫେରାଇ ଦିଅ ବୋଲି ଦାବି କରୁଛୁ। ମାତ୍ର ରାଜ୍ୟ ସରକାର ଆମର ଦୁଃଖକୁ


ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ଦାବି ରଖୁଛନ୍ତି।

ଶୁଣୁନାହାନ୍ତି ବୋଲି ଜଟଣୀ ବିଧାୟକ ତଥା ଜଟଣୀ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ପ୍ରଜାମଞ୍ଚର ଆବାହକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ଗୁଆଝରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ଜଟଣୀବାସୀଙ୍କ ପାଇଁ ବିଜେଡି ସରକାର ବ୍ରିଟିଶ ସରକାର ସଦୃଶ। ରାଜ୍ୟ ସରକାରଙ୍କ ଏଭଳି ଭୁଲ୍ ପାଇଁ ଜଟଣୀ ମ୍ୟୁନିସିପାଲିଟି ଓ ତା’ର ପାର୍ଶ୍ୱବର୍ତ୍ତୀ ଗ୍ରାମ ବେରୁଆଁ, ଭଁସର, ବାଇରଙ୍ଗ, ହରିରାଜପୁର, ବୁଢ଼ାପଢ଼ା, ନିରଞ୍ଜନପୁର, କନ୍ତିଆ, ରଥିପୁର, କୁଶମାଟି, ଛଣଘର, କୁଦିଆରି, ରାମଚନ୍ଦ୍ରପୁରର ଆଦି ୨୬ ଗ୍ରାମର ୨ ଲକ୍ଷ ଲୋକ ୯ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାର ଅର୍ଥ ଆମ ସ୍କୁଲଘର, ଖେଳପଡିଆ, ଡାକ୍ତରଖାନା, ରାସ୍ତାଘାଟ, ପାଠାଗାର, କମ୍ୟୁନିଟି ସେଣ୍ଟର, ଭାଗବତ ଟୁଙ୍ଗି, ମଶାଣି ଆଦି କୌଣସି କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ। ଜଟଣୀବାସୀଙ୍କ ଦୁଃଖ ସରକାରଙ୍କ ନାଲିଫିତା ତଳେ ଅଟକିଯାଇଛି। ରାଜ୍ୟ ସରକାର ଯଦି ଆମର ସମସ୍ୟାର ସମାଧାନ ନ କରନ୍ତି, ତେବେ ଏପ୍ରିଲ ୧ ରେ ୧୦ ହଜାର କ୍ଷତିଗ୍ରସ୍ତ ଜନସାଧାରଣ ନବୀନ ନିବାସ ଘେରାଉ କରିବେ। ଏହାସତ୍ତ୍ୱେ ନ୍ୟାୟ ନ ମିଳିଲେ ୧ ହଜାର କ୍ଷତିଗ୍ରସ୍ତ ପ୍ରଜା ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୁତି ଦେବେ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି।

### ୧ରେ ବିଶ୍ୱ ଶାନ୍ତି ପାଇଁ ସମୂହ ପ୍ରାର୍ଥନା

**ପୁରୀ ଅଫିସ, ୨୫।୧୨**

ବିଶ୍ୱ ଶାନ୍ତି ପାଇଁ ଜାନୁଆରୀ ୧ରେ ଶ୍ରୀକ୍ଷେତ୍ରରେ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଶନିବାର ପ୍ରାର୍ଥନା ଦିବସ ପରିଚାଳନା ସମିତି ପକ୍ଷରୁ ଘୋଡ଼ା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଶ୍ୱରେ ବିଭିନ୍ନ ଦିବସ ପାଳନ କରାଯାଉଛି। ତେବେ ସବୁ ଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ଥିବା ସତ୍ତ୍ୱେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଉନାହିଁ। ଏଣୁ ପ୍ରତିବର୍ଷ ଜାନୁଆରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବା ପାଇଁ ପ୍ରାର୍ଥନା ଦିବସ ପରିଚାଳନା ସମିତିର ସଭାପତି ତଥା ଦିବ୍ୟ ଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନିବେଦନ କରିଛନ୍ତି। ପ୍ରତିବର୍ଷ ଜାନୁଆରୀ ପହିଲାରେ ଘଣ୍ଟାଟିଏ ବିଶ୍ୱଶାନ୍ତି ପାଇଁ ନିଜ ନିଜ ଇଷ୍ଟଦେବଙ୍କ ପାଖରେ ପ୍ରାର୍ଥନା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଉଦ୍ଦେଶ୍ୟରେ ୨୦୨୨ ଜାନୁଆରୀ ପହିଲାରେ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସମୂହ ପ୍ରାର୍ଥନାର ଆୟୋଜନ କରାଯାଇଛି। ଏଥିରେ ଜନସାଧାରଣ ସାମିଲ ହେବାକୁ ସେ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ସଚ୍ଚିକାନ୍ତ ନାଥ, ମହନ୍ତ ସୁବଳ ଚନ୍ଦ୍ର ଦାସ, ଶରତ ଜୟସିଂ, କାଳିପ୍ରସନ୍ନ ଶତପଥି, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମହନ୍ତ ସୁଖରାମ ଦାସ, ଏବଂ ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରେ ଆଉ ଏକ ରାଜ୍ୟସ୍ତରୀୟ ପାଇକ ସମାବେଶ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଆସନ୍ତା ୨୭ରେ ଭୁବନେଶ୍ୱରଠାରେ ଆଉ ଏକ ରାଜ୍ୟସ୍ତରୀୟ ପାଇକ ସମାବେଶ ହେବ। ଓଡ଼ିଶା ବୀର ମହାସଂଘ ପକ୍ଷରୁ ଶନିବାର ଭୁବନେଶରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଏହି ରାଜ୍ୟସ୍ତରୀୟ ବିଶାଳ ଜନଗର୍ଜନ ପାଇକ ସମାବେଶ ପରିପ୍ରେକ୍ଷୀରେ ମଧ୍ୟାହ୍ନ ୧୨ରେ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ରାମ ମନ୍ଦିର ଛକ ଦେଇ ଏକାମ୍ର ହାଟ ନିକଟରେ ପହଞ୍ଚି। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଯେପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ପୁଣି ଦାବିପତ୍ର ପ୍ରଦାନ କରାଯିବ। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ, ପାର୍ଲାମେଣ୍ଟରେ ରାଲି କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ଯୋଗଦାନ କରିବାକୁ ଚାହୁଁଥିବା ପାଇକ ଦଳମାନେ ନଂ. ୯୪୩୭୨୮୭୮୦୬ରେ ଯୋଗାଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ଜାନୁୟାରୀ ୨୪ରେ ଦିଲ୍ଲୀର ଲାଲକିଲ୍ଲାକାରେ ପାଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ଓ ସଂଯୋଜକ ଗଣେଶ ସାମନ୍ତ ଉପସ୍ଥିତ ଥିଲେ।


ବଡ଼ଦିନ ପାଇଁ ଶନିବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ ଯୋଗୁ ଫସି ରହିଥିବା ଗାଡ଼ିମୋଟର।

## ବାଜପେୟୀ ଥିଲେ ଆଧୁନିକ ଭାରତର ବିଶ୍ୱକର୍ମା

**ଖୋର୍ଦ୍ଧା ଅଫିସ,୨୫।୧୨**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ ଶନିବାର ମଳିପଡ଼ାସ୍ଥିତ ଖୋର୍ଦ୍ଧା ଭାଜପା ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ସଭାପତିତ୍ୱ କରିଥିଲେ। କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ବରିଷ୍ଠ ନେତା କେଳୁ ଜଗଦ୍ଦେବ, ମଣ୍ଡଳ ସଭାପତି ବିପିନ କୁମାର ପାଲଟାସିଂ, ପୂର୍ଣ୍ଣଚନ୍ଦ୍ର କଳସ, ଆଲୋକ ରଞ୍ଜନ ଛୋଟରାୟ, ଅବନୀକାନ୍ତ ଜେନା, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଶିଷ ବରିସଲ, ପ୍ରଭାକର ପ୍ରଧାନ, ବିଶ୍ୱରଞ୍ଜନ ଫତେସିଂ ପ୍ରମୁଖ ଯୋଗଦେଇଥିଲେ। ବାଜପେୟୀ ଆଧୁନିକ ଭାରତର ବିଶ୍ୱକର୍ମା ଥିଲେ ଏବଂ ଏକ ସମୃଦ୍ଧ ଭାରତ ଗଠନ ତାଙ୍କ ଲକ୍ଷ୍ୟ ଥିଲା ବୋଲି କର୍ମକର୍ତ୍ତାମାନେ କହିଥିଲେ। ଗଙ୍ଗାଧର ଚମ୍ପତି ଧନ୍ୟବାଦ ଦେଇଥିଲେ। ସେହିପରି ଗୁଣନିଧି ମହାପାତ୍ରଙ୍କ ସଭାପତିତ୍ୱରେ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଦୀପ ଚନ୍ଦ୍ର ମହାପାତ୍ର, ସ୍ମୃତିରଞ୍ଜନ ହୋତା, ଋଷିକେଶ ବେହେରା, ଅନିଲ ସାମନ୍ତରାୟ, ଚିତ୍ତରଞ୍ଜନ ସୁନ୍ଦରାୟ ଏବଂ ରଶ୍ମିତା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ନିଷ୍ଠା ରହିଲେ କାମରେ ଆନନ୍ଦ ମିଳେ

**ଖୋର୍ଦ୍ଧା ଅଫିସ,୨୫।୧୨**

**ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ**

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସପ୍ତାହେ ବ୍ୟାପୀ ଚାଲିଥିବା ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଡ. ପ୍ରେମାଦ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିଷ୍ଠାପର ଭାବେ କାର୍ଯ୍ୟ କଲେ ଆନନ୍ଦ ମିଳେ ବୋଲି ସେ କହିଥିଲେ। ପରିବେଶ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେଲେ ସନ୍ତୁଳନ ବଜାୟ ରହିବ ବୋଲି ମତ ଦେଇଥିଲେ। ୱାଇଆର୍‌ସି କାଉନସିଲ ଅଧାପକ ବିଭୂତି ଭୂଷଣ ଦାସ ଶୃଙ୍ଖଳା, ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ସରୋଜା ଷଡ଼ଙ୍ଗୀ, ଡ. ପ୍ରବୀଣ କୁମାର ମିଶ୍ର, ପୂର୍ବତନ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ମନ୍ଦାକିନୀ ତ୍ରିପାଠୀ ଏବଂ ସାମାଜିକ କର୍ମୀ ଦେବାଶିଷ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଡ. ପ୍ରବୀଣ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ‘ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ’ ଲୋକାର୍ପିତ

**ଭୁବନେଶ୍ୱର,୨୫।୧୨(ବ୍ୟୁରୋ)**

ବଡ଼ଦିନ ଅବସରରେ ଶନିବାର ଟାଇମ୍ ପାସ ପ୍ରକାଶନ ତରଫରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଥାକାର ଡ. ଅର୍ଚ୍ଚନା ନାୟକ ଓ ସମାଲୋଚକ ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ମିନତୀ ମିଶ୍ରଙ୍କ ଷଷ୍ଠ କବିତା ସଙ୍କଳନ ‘ମନ ତଳେ ଯେବେଯେବେ ଫୁଲ ବର୍ଷା ହୁଏ’କୁ ଲୋକାର୍ପଣ କରିଥିଲେ। ଡ଼. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରକାଶକ ସରୋଜ ବଳ ସଂଯୋଜନା କରିଥିଲେ। କଣ୍ଠଶିଳ୍ପୀ ଶାନ୍ତି ମହାନ୍ତି ଲୋକାର୍ପିତ ପୁସ୍ତକର ଶୀର୍ଷକ ଗୀତଟିକୁ ଗାୟନ କରିଥିଲେ। ପରିଚାଳନାରେ ସହଯୋଗ କରିଥିଲେ ଅବିନାଶ ସାହୁ ଓ ଅରୁଣ ଦାସ।

## ରାମଚଣ୍ଡୀ ପୀଠ ସୌନ୍ଦର୍ଯ୍ୟକରଣ ପାଇଁ ୧୭ କୋଟି

**ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ**

**କୋଣାର୍କ, ୨୫।୧୨(ଡି.ଏନ.ଏ)**

ପୁରୀ-କୋଣାର୍କ ବେଳାମାର୍ଗ ମା’ ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ୧୭କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ଶିଳାନ୍ୟାସ ହୋଇଛି। ଆସନ୍ତା ୬ମାସ ମଧ୍ୟରେ ଏହାର ଉଦ୍‌ଘାଟନ ହେବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ତରକୋର ପଞ୍ଚାୟତ ସମିତି ସଭ୍ୟ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପୀଠରେ ପର୍ଯ୍ୟଟକ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ରାମଚଣ୍ଡୀ ମନ୍ଦିର ନିକଟରୁ ଲୋଟସ୍ ରିସର୍ଟ ବୋଟିଂ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପାଦଚଲା ରାସ୍ତା, ଅତ୍ୟାଧୁନିକ ଶୌଚାଳୟ, ରାସ୍ତାପାର୍ଶ୍ୱ ଆଲୋକୀକରଣ, ପାର୍କିଂ ସ୍ଥଳ, ଭେଣ୍ଡିଂ ଜୋନ, କାଫେଟେରିଆ, ପଥଦୃଶ୍ୟ, ବର୍ଷାଜଳ ଆଶ୍ରୟ ସ୍ଥଳୀ, ଜାହାଜ ଦୃଶ୍ୟମାନ ସ୍ଥାନ, ପିଲାମାନଙ୍କ ଖେଳିବା ସ୍ଥାନ, ଛତା ଥିବା ବସିବା ବ୍ୟବସ୍ଥା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଛୋଟ ଛୋଟ କୁଡିଆ ଆଦି ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ରାମଚଣ୍ଡୀ ଥାନା ଆଇଆଇସି ଶରତ ନାୟକ, ଚନ୍ଦ୍ରଭାଗା ମେରାଇନ ଆଇଆଇସି ନୀଳିମା ପଟ୍ଟନାୟକ, ରାମଚଣ୍ଡୀ ଉନ୍ନୟନ କମିଟି ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ବେହେରା, ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବେଗୁନିଆ,୨୫।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ କଣ୍ଟାବାଡ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଦ୍ୱିତୀୟ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଣ୍ଟାବାଡ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟକୁ ବୋଡଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମିତିସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଶିବ ନାରାୟଣ ମିଶ୍ର, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ଶିକ୍ଷକ ବିଜୟ କୁମାର ମହାପାତ୍ର, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆସୋସିଏଶନ ସଦସ୍ୟମାନେ ସ୍ଥାନୀୟ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଖେଳପଡ଼ିଆରେ ପହଞ୍ଚିଥିଲେ। ପ୍ରଥମ



ଅତିଥିଙ୍କଠାରୁ ଅଭିଷେକ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ନଁପୁଟ ଟିମ୍ ସେମିଫାଇନାଲରେ**

ଦିବସ ମ୍ୟାଚରେ କଟକର ସ୍ୱାଇଲ ଇଲେଭେନ ଟିମକୁ ହରାଇ ନଁପୁଟ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ନଁପୁଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ ବିନିମୟରେ ୨୧୬ରନ ସଂଗ୍ରହ କରିଥିଲା। ଜବାବରେ ସ୍ୱାଇଲ ଇଲେଭେନ ଟିମ ସମାନ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୮୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଭାତ ପଣ୍ଡା, ଶ୍ରୀକାନ୍ତ ବାହିନୀପତି ମ୍ୟାଚ ପରିଚାଳନା କରିଥିବା ବେଳେ ଶଶୀଭୂଷଣ ମିଶ୍ର ରେଫରି ଦାୟିତ୍ୱ ତୁଲାଇଥିଲେ। ମିଥୁନ ପ୍ରଧାନ, ସିଦ୍ଧେଶ୍ୱର ବେହେରା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ସୂର୍ଯ୍ୟନାରାୟଣ ଓଝା, ସୁନୀଲ ପାଣିଗ୍ରାହୀ, ଚିନ୍ମୟ ପଣ୍ଡା, ମାନସ ରାଉତରାୟ ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଖୋର୍ଦ୍ଧା ସାଇନ ଡାଇଗ୍ନୋଷ୍ଟିକ ମାଲିକ ଉମାକାନ୍ତ ପଣ୍ଡା, ଆସୋସିଏଶନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟରଞ୍ଜନ ଦାଶ, ବଂଶୀଧର ପାଣିଗ୍ରାହୀ, ନରସିଂହ ପ୍ରଧାନ, ବାମଦେବ ମହାନ୍ତି, ପ୍ରଶାନ୍ତ ସାହୁ, ଦିଲୀପ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନଁପୁଟ ଟିମର ଅଭିଷେକ ପଟ୍ଟନାୟକ ୯୩ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଭାବେ ବେଣୁଧର ପାଣିଗ୍ରାହୀ ଟ୍ରଫି ପ୍ରଦାନ କରାଯାଇଥିଲା।


ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତି ଜାଳି ପ୍ରଭୁ ଯିଶୁଙ୍କୁ ଆରାଧନା କରୁଛନ୍ତି।


ଧରାବତରଣ କରିଥିବା ପ୍ରଭୁ ଯିଶୁଙ୍କୁ ସ୍ପର୍ଶ କରି ଜଣେ ଯୁବତୀ ଭକ୍ତି ନିବେଦନ କରୁଛନ୍ତି।


ସମୂହ ପ୍ରାର୍ଥନା ଅବସରରେ ସତ୍ୟନଗର ଚର୍ଚ୍ଚରେ ଫାଦର ଶ୍ରଦ୍ଧାଳୁଙ୍କୁ ପ୍ରଭୁ ଯିଶୁଙ୍କ ବାଣୀ ଶୁଣାଉଛନ୍ତି।




୨୫।୧୨।୨୦୨୧

| | |
|---|---|
| ୪,୯୩,୦୪୩ ଟଙ୍କା | |
| ସୁନା | ୧.୩୨୦ ଗ୍ରାମ |
| ରୁପା | ୧୮ ଗ୍ରାମ |

# ସାର୍ବଜନୀନ ହୋଇନି କମିଶନ ରିପୋର୍ଟ

ପୁରୀ ଅଫିସ,୨୫।୧୨

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପୁରୀ ଜିଲା ପ୍ରଶାସନର ତଥ୍ୟ ମେଳ ଖାଉ ନ ଥିବାବେଳେ ରଘୁବୀର ଦାସ କମିଶନ ରିପୋର୍ଟକୁ ସାର୍ବଜନୀନ କରିବା ଦାବି ଜୋର ଧରୁଛି। ଚାବି ହଜିବା ଘଟଣା ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଏକ ନାଟକ ଥିଲା ଅଥବା ବାସ୍ତବରେ ଚାବି ହଜିଥିଲା ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଅନ୍ୟପକ୍ଷରେ ରଘୁବୀର ଦାସ କମିଶନ ରିପୋର୍ଟ ସାର୍ବଜନୀନ ନ ହେବା, ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିଲେ ମଧ୍ୟ ଖୋଲାଯାଇ ମରାମତି ନ କରାଯିବା ଭଳି ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପ ଉପରେ ଆଙ୍ଗୁଳି ଉଠାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ରଘୁବୀର ଦାସ କମିଶନଙ୍କୁ କେଉଁ କେଉଁ ତଥ୍ୟ, ଚିଠି ଓ ଦସ୍ତାବିଜ୍ ପ୍ରଦାନ କରିଛନ୍ତି ସେନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ତାହା ମିଳୁନାହିଁ। ବିଧାନସଭାରେ ଏହି ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାରୁ ଏ ସମ୍ପର୍କିତ ସୂଚନା ଦିଆଯାଇପାରିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଥିବା ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି। ତେବେ ୨୦୧୮ ଜୁନ ୪ରେ ମୁଖ୍ୟମନ୍ତ୍ରୀ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ନିଯୁକ୍ତ କରିଥିଲେ। ୩ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ନିର୍ଦ୍ଧାରିତ ସମୟସୀମାରେ ତଦନ୍ତ ନ ସରିବାରୁ ଏହାକୁ ଆହୁରି ୩ ମାସ ସଂପ୍ରସାରଣ କରାଯାଇଥିଲା। ଶେଷରେ ୨୦୧୮ ନଭେମ୍ବର ୨୮ରେ




ତଦନ୍ତ କମିଶନ ୩୨୪ ପୃଷ୍ଠାର ରିପୋର୍ଟ ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୨୨ଲକ୍ଷ ୨୭ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ତଦନ୍ତ ରିପୋର୍ଟ ପ୍ରଦାନ କରାଯିବାର ୩ବର୍ଷ ବିତିଯାଇଥିଲେ ମଧ୍ୟ ଏହା ବିଧାନସଭାରେ ଉପସ୍ଥାପିତ ହୋଇପାରିନାହିଁ। ଫଳରେ ରାଜ୍ୟବାସୀ ଏହି ରିପୋର୍ଟ ସମ୍ପର୍କରେ ଜାଣିବାରେ ବିଫଳ ହେଉଛନ୍ତି। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ଚାବି ପ୍ରସଙ୍ଗରେ ବାସ୍ତବରେ କ'ଣ ଘଟିଥିଲା, କାହାର ଦୋଷ ଥିଲା ଓ ଚାବି କିପରି ହଜିଲା ଭଳି ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ ମିଳିନାହିଁ। ସରକାର ରିପୋର୍ଟ ନିଜ ପାଖରେ ରଖିବା ଉଦ୍ଦେଶ୍ୟରେ ତଦନ୍ତ କମିଶନ ବସାଇଥିବା ଭଳି ଅନୁଭବ ହେଉଛି। ରିପୋର୍ଟ ସମ୍ପର୍କରେ ଜାଣିବାର ଅଧିକାର ପ୍ରତିଟି ଓଡ଼ିଆଙ୍କର ରହିଛି ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ରାଜ୍ୟ ସରକାର ୫-ଟି ବ୍ୟବସ୍ଥା ଲାଗୁ କରି ରାଜ୍ୟବାସୀଙ୍କର ଅଧିକ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଛନ୍ତି। ଏଭଳି ସ୍ଥଳେ ଚାବି ହଜିବା ଘଟଣାରେ ପାରିଦର୍ଶିତା ଦେଖାଉନାହାନ୍ତି କାହିଁକି ତାହା ବୁଝାପଡ଼ୁନାହିଁ। ରାଜ୍ୟ ସରକାର ତୁରନ୍ତ ରିପୋର୍ଟ ସାର୍ବଜନୀନ କରି ନିଜର ନିର୍ଦ୍ଦୋଷତାର ପ୍ରମାଣ କରନ୍ତୁ ବୋଲି ବରାଳ କହିଛନ୍ତି।

## ଆଜି କ'ଣ କେଉଁଠି

ପୁରୀ

- ଲୋକ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶା ଲୋକମିଥ୍ ନବମ ଜାତୀୟ ଆଲୋଚନାଚକ୍ର, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ସ୍ମୃତି କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ମାୟାପୁରୀ କାର୍ଯ୍ୟକ୍ରମ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ବିଜେଡି ପ୍ରତିଷ୍ଠା ଦିବସ, ପୂର୍ବାହ୍ନ ୧୦ଟାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମଧ୍ୟାହ୍ନ ୧୨ଟାରେ ରକ୍ତଦାନ ଶିବିର, ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ବିଜେଡି ଜିଲା କାର୍ଯ୍ୟାଳୟରେ ବୈଠକ, ଅପରାହ୍ନ ୩ଟା।
- ଦି ବେଲ୍ ପକ୍ଷରୁ ସ୍ୱଚ୍ଛ ଉପକରଣ ବଣ୍ଟନ, ମାର୍କେଟ ଛକ, ପୂର୍ବାହ୍ନ ୧୦ଟା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ପତ୍ରିକା 'କଳ୍ପନା', କ୍ଷୁଦ୍ରକାବ୍ୟ 'ମୃଗ ମହାଦେବ ଚରିତ' ଉନ୍ମୋଚନ କରୁଛନ୍ତି।

## ବିଏଡ୍ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯାଉ

ପୁରୀ ଅଫିସ, ୨୫।୧୨

ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ବିଏଡ୍ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯିବା ଓ ଆବେଦନ ତାରିଖ ଫେବୃୟାରୀ ୨୦କୁ ଘୁଞ୍ଚାଇବା ପାଇଁ ଦାବି ହୋଇଛି। ଏନେଇ ବିଏଡ୍ ଶେଷବର୍ଷର ଛାତ୍ରୀଛାତ୍ରମାନେ ପୁରୀ ଜିଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେଇଛନ୍ତି। ଛାତ୍ରୀଛାତ୍ର କହିଛନ୍ତି, ବିଏଡ୍ ପାଠ୍ୟକ୍ରମର ଅବଧି ସରିଯାଇଥିଲେ ମଧ୍ୟ କରୋନା କାରଣରୁ ଶେଷ ବର୍ଷର ପରୀକ୍ଷା ଜାନୁୟାରୀ ମାସରେ କରିବାକୁ ଇଗ୍ନୋ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ ସେସନରେ ଦୁଇଥର ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଫଳରେ ଛାତ୍ରୀଛାତ୍ରମାନେ ମାନସିକ ଓ ଆର୍ଥିକ କ୍ଷତିରେ ରହିଛନ୍ତି। ଏ ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀ, ସଚିବଙ୍କୁ ଅବଗତ କରାଯାଇଛି। ଚୁକ୍ତିଭିତ୍ତିକ ହାଇସ୍କୁଲ ଶିକ୍ଷକ ନିଯୁକ୍ତିରେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେବା ସହ ନିଯୁକ୍ତି ଆବେଦନର ଶେଷ ତାରିଖ ଫେବୃୟାରୀ ୨୦ ତାରିଖକୁ ଧାର୍ଯ୍ୟ କରିବାକୁ ଦାବି କରାଯାଇଛି।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

କଣାସ,୨୫।୧୨(ସ୍ୱ.ପ୍ର.): ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୭ତମ ଜୟନ୍ତୀ କଣାସ ବ୍ଲକରେ ପୂଜ୍ୟପୂଜା ସଂସଦ ପକ୍ଷରୁ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ଶହୀଦ ସ୍ମୃତିପୀଠରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ରାମଚନ୍ଦ୍ର ସାମନ୍ତରାୟ. କସ୍ତୁରୀ ବଳିୟାରସିଂହ, ପଡିଆ ଜେନା, ସ୍ୱର୍ଣ୍ଣପ୍ରଭା ମିଶ୍ର, ଲତାମଣି ଜଗଦେବ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଆର୍ପଣ କରିଥିଲେ। ତରୁଣସେନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିମାପଡ଼ାକୁ ହରାଇ ସେମିରେ କ୍ରାଉନ ସ୍ପୋର୍ଟିଂ

କାକଟପୁର, ୨୫।୧୨(ଡି.ଏନ.ଏ)

ନିମାପଡା ଆଥଲେଟିକ ଆସୋସିଏଶନ ଏବଂ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ୩୨ତମ ରାଜ୍ୟ ସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦଘାଟନ ହୋଇଯାଇଛି। କ୍ରାଉନ ସ୍ପୋର୍ଟିଂ ନିମାପଡା ଆଥଲେଟିକୁ ହରାଇ ସେମିରେ ପ୍ରବେଶ କରିଛି। ନିମାପଡ଼ା ପ୍ରଥମେ ଟସ୍ ଜିଣି ୨୫ଓଭର ବିଶିଷ୍ଟ ମ୍ୟାଚରେ ବ୍ୟାଟିଂ କରିବାର ନିଷ୍ପତି ନେଇ ୮ଉଇକେଟ୍ ହରାଇ ୧୫୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ମହାନ୍ତି ୭୯ରନ ଏବଂ ପ୍ରିୟରଞ୍ଜନ ପାତ୍ର ୨୯ରନ ସଂଗ୍ରହ କରିଥିଲେ। କ୍ରାଉନ ସ୍ପୋର୍ଟିଂ ପକ୍ଷରୁ ବୋଲିଂ କରି ରଶ୍ମିରଞ୍ଜନ ସାହୁ ୫ଓଭରରେ ୯ରନ ବିନିମୟରେ ୨ଟି ଉଇକେଟ୍ ଓ ନିଲୁ ପ୍ରଧାନ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ୧୫୧ରନ ବିଜୟ ଲକ୍ଷ୍ୟରେ ୨୧ଓଭରରେ ୬ଟି ଉଇକେଟ୍ ହରାଇ କ୍ରାଉନ ସ୍ପୋର୍ଟିଂ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ରଶ୍ମୀରଞ୍ଜନ ସାହୁ ୪୬ରନ ଓ ଏନ ଜନ୍ମେଜୟ ୩୮ରନ ସଂଗ୍ରହ କରିଥିଲେ। ଅଲରାଉଣ୍ଡ ରଶ୍ମି ରଞ୍ଜନ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ବାଙ୍ଗୁରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ. ଆଶିଷ କୁମାର ମହାପାତ୍ର, ଶାରଳା ବିଜ୍ଞାନ ଆବାସିକ ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ପରିଡା, ଆଇନଜୀବୀ ସୁମନ୍ତ ସ୍ୱାଇଁ, କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରିୟରଞ୍ଜନ ନାୟକ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟାର ନିର୍ମଳ ମିଶ୍ର, ଅୟେଶ କାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ।

## 'ଶ୍ରେଷ୍ଠ କୃଷକ' ସମ୍ମାନିତ ହୃଷୀକେଶଙ୍କ ଦେହାନ୍ତ

ପିପିଲି, ୨୫।୧୨(ଡି.ଏନ.ଏ): କଣ୍ଟି ପଞ୍ଚାୟତ କାକୁଡିଆ ସ୍ଥିତ ସର୍ବ ଭାରତୀୟ ସାମ୍ବାଦିକ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସ୍ୱାଇଁଙ୍କ ପିତା ହୃଷୀକେଶ ସ୍ୱାଇଁଙ୍କର ଶନିବାର ନିଜ ବାସ ଭବନରେ ଦେହାନ୍ତ ହୋଇଛି। ତାଙ୍କୁ ୧୧୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ବରିଷ୍ଠ ଚାଷୀ ଭାବେ ପରିଚିତ ଥିଲେ। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଦଳିତ ମହାସଂଘର ସଭାପତି ବିଜୟ ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ହୃଷୀକେଶଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ହୃଷୀକେଶଙ୍କୁ ଜାଗୃତି ମହୋତ୍ସବ ୨୦୧୭ରେ 'ଶ୍ରେଷ୍ଠ କୃଷକ' ସମ୍ମାନ, ପିପିଲି ମହୋତ୍ସବ-୨୦୧୫ ଓ ପିପିଲି ସାମ୍ବାଦିକ ସଂଘ ପକ୍ଷରୁ ୨୦୧୮ରେ 'ଶତାୟୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିଲା। ପୁଅ ଲକ୍ଷ୍ମୀଧର ସ୍ୱାଇଁ, ବେଣୁଧର ସ୍ୱାଇଁ, ରାଜକିଶୋର ସ୍ୱାଇଁ ମୁଖାଗ୍ନି ଦେଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ।



ବଡ଼ଦିନ ଉପଲକ୍ଷେ ଶନିବାର ପୁରୀ କ୍ୟାଥଲିକ୍ ଚର୍ଚ୍ଚରେ ଯୁବତୀମାନେ କ୍ୟାଣ୍ଡେଲ ଜାଳୁଛନ୍ତି।

## ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ଅତୁଳନୀୟ

ପିପିଲି, ୨୫।୧୨(ଡି.ଏନ.ଏ)

ପିପିଲି ଭାଜପା ପକ୍ଷରୁ ଶିରିଆପୁର ଗ୍ରାମରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ଶନିବାର ପାଳନ କରାଯାଇଛି। ଦେଶ ପ୍ରତି ବାଜେଜପେୟୀଙ୍କ ଅବଦାନ ଅତୁଳନୀ ବୋଲି ମତ ପ୍ରକାଶ ପାଇଥିଲା। ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ଜେନା, ପିପିଲି ନଗର ସାଧାରଣ ସମ୍ପାଦକ ଦେବାଶିଷ ପରିଡା, ଜନ୍ମେଜୟ ଜେନା, ପୂର୍ବତନ ମଣ୍ଡଳ ସଭାପତି ଦେବାଶିଷ ଦୀକ୍ଷିତ୍, ସୁରେଶ ମହାରଣା, ସନ୍ତୋଷ ସେଠୀ, ଭବାନୀ ଶଙ୍କର ସାହୁ, ତପନ ନାୟକ ଚଣ୍ଡେଶ୍ୱର ଦାସ, ବିଶ୍ୱରଞ୍ଜନ ମହାନ୍ତି, ସଞ୍ଜୟ ମିଶ୍ର, ସୁଧାଂଶୁ ଦାଶ ଉପସ୍ଥିତ ଥିଲେ। ଶିରିଆପୁର ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ପ୍ରତିଭା ବେହେରାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଚେରି ନିର୍ମାଣକୁ ବିରୋଧ

ପୁରୀ ଅଫିସ, ୨୫।୧୨

ପୁରୀ ପୌରସଂସ୍ଥା ଅନ୍ତର୍ଗତ ସୁଜାତାନଗର ଫେଜ-୨ ମୁଖ୍ୟରାସ୍ତା ଉପରେ ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରୀ ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏ ନେଇ ସୁଜାତାନଗର ଫେଜ୍-୨ର ବାସିନ୍ଦା ଶନିବାର ସେଠାରେ ଧାରଣା ଦେଇଥିଲେ। ସେମାନେ କହିଛନ୍ତି, ସୁଜାତା ନଗର, ଫେଜ୍-୨, ମାଟିତୋଟା ସାହିରେ ପ୍ରାୟ ୩ହଜାର ଲୋକ ବାସ କରୁଛନ୍ତି। ଏହି ସାହିରୁ ମୁଖ୍ୟରାସ୍ତାକୁ ଯିବା ପାଇଁ ଏକମାତ୍ର ରାସ୍ତା ଶ୍ରୀକ୍ଷେତ୍ର କୃଷକ ବଜାର ବାମପଟେ ରହିଛି। ତେବେ ଶ୍ରୀକ୍ଷେତ୍ର କୃଷକ ବଜାର ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ମନମୁଖି ଭାବେ ସାହି ରାସ୍ତାକୁ ସଙ୍କୁଚିତ କରି ପାଚେରୀ ନିର୍ମାଣ କରୁଛନ୍ତି। ରାସ୍ତା ସଙ୍କୁଚିତ ହେବା ଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେବ। ସାହିର ବିଦ୍ୟୁତ ଟ୍ରାନ୍ସଫର୍ମର କୃଷକ ବଜାର ପାଚେରୀ ପରିସର ମଧ୍ୟରେ ରହିବ। ଯାହାଦ୍ୱାରା ସାହି ବାସିନ୍ଦା ଅନେକ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ସାହିର ମୁଖ୍ୟ ରାସ୍ତା କଡ଼କୁ କିଛି ଦୂର ଛାଡ଼ି କୃଷକ ବଜାର ପାଚେରୀ କରାଯାଉ।

## ରାମଚଣ୍ଡୀ ପୀଠ ସୌନ୍ଦର୍ଯ୍ୟକରଣ ପାଇଁ ୧୭ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

କୋଣାର୍କ, ୨୫।୧୨(ଡି.ଏନ.ଏ)

ପୁରୀ-କୋଣାର୍କ ବେଳାମାର୍ଗ ମା' ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ୧୭କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ଶିଳାନ୍ୟାସ ହୋଇଛି। ଆସନ୍ତା ୬ମାସ ମଧ୍ୟରେ ଏହାର ଉଦ୍‌ଘାଟନ ହେବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଗଡ଼କୋର ପଞ୍ଚାୟତ ସମିତି ସଭ୍ୟ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପୀଠରେ ପର୍ଯ୍ୟଟକ ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ରାମଚଣ୍ଡୀ ମନ୍ଦିର ନିକଟରୁ ଲୋଟସ୍ ରିସର୍ଟ ବୋଟିଂ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ପାଦଚଲା ରାସ୍ତା, ଅତ୍ୟାଧୁନିକ ଶୌଚାଳୟ, ରାସ୍ତାପାର୍ଶ୍ୱ ଆଲୋକୀକରଣ, ପାର୍କିଂ ସ୍ଥଳ, ଭେଣ୍ଡିଂ ଜୋନ, କାଫେଟେରିଆ, ପଥଦୃଶ୍ୟ, ବର୍ଷାଜଳ ଆଶ୍ରୟ ସ୍ଥଳୀ, ଜାହାଜ ଦୃଶ୍ୟମାନ ସ୍ଥାନ, ପିଲାମାନଙ୍କ ଖେଳିବା ସ୍ଥାନ, ଛତା ଥିବା ବସିବା ବ୍ୟବସ୍ଥା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଛୋଟ ଛୋଟ କୁଡିଆ ଆଦି ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ରାମଚଣ୍ଡୀ ଥାନା ଆଇଆଇସି ଶରତ ନାୟକ, ଚନ୍ଦ୍ରଭାଗା ମେରାଇନ ଆଇଆଇସି ନୀଳିମା ପଟ୍ଟନାୟକ, ରାମଚଣ୍ଡୀ ଉନ୍ନୟନ କମିଟି ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ବେହେରା, ସେବାୟତ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଂଶୁମାନ



@ ସୀତାକାନ୍ତ



@ ସୁରେନ୍ଦ୍ର



@ ସୋନାଲି



@ ବାସନ୍ତୀ



@ ସୁମନ୍ତ




ଶ୍ରୀକ୍ଷେତ୍ର କୃଷକ ବଜାରର ପାଚେରୀ ନିର୍ମାଣକୁ ପୁରୀ ସୁଜାତାନଗର ଫେଜ୍-୨ ବାସିନ୍ଦା ବିରୋଧ କରି ଶନିବାର ସମ୍ପୃକ୍ତ ସ୍ଥାନରେ ଧାରଣା ଦେଇଛନ୍ତି।



ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ପୁରୀ-କୋଣାର୍କ ବେଳାମାର୍ଗରେ ଶନିବାର ରାମଚଣ୍ଡୀ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

## କୋରେକ୍ସ ବିକି ୩ ଗିରଫ

ପୁରୀ ଅଫିସ : ବେଆଇନ ଭାବେ କୋରେକ୍ସ ବିକ୍ରି ଅଭିଯୋଗରେ ବିଭିନ୍ନ ଥାନା ପକ୍ଷରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଟିଆପଡ଼ା ଅଞ୍ଚଳର ସରୋଜ କୁମାର ସାହୁ, ନରେନ୍ଦ୍ରକୋଣ ମଙ୍ଗଳାସାହିର ଅଜୟ ନାୟକ ଏବଂ ଦେଉଳି ସାହିର ଲୋକନାଥ ସାହୁ। ଏମାନଙ୍କଠାରୁ ବିପୁଳ ପରିମାଣର କୋରେକ୍ସ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।



## ସଂକ୍ଷେପରେ

### ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ମିଳୁ

ପୁରୀ ଅଫିସ, ୨୫।୧୨: ଭତ୍ତା ରାଶି ବୃଦ୍ଧି ସହ ଅସହାୟ ହିତାଧିକାରୀଙ୍କୁ ସୁବିଧାରେ ଭତ୍ତା ଯୋଗାଇଦେବାକୁ ପୁରୀ ଜିଲା ଭତ୍ତା ମହାସଂଘ ଦାବି କରିଛି। ଏ ନେଇ ମହାସଂଘ ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁରୀ ସଦର ବ୍ଲକ୍ ସମଙ୍ଗରାସ୍ଥିତ ଭଗବତ ବାସୁଦେବ ମନ୍ଦିର ପ୍ରାଙ୍ଗଣ ଓ ଶାସନଦାମୋଦରପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ପୃଥକ ଭାବେ ବୈଠକ ଅନୁଷ୍ଠିତ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଆବାହକ ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟରେ ଭତ୍ତାହିତାଧିକାରୀମାନେ ମାସକୁ ୨ହଜାରରୁ ଅଧିକ ଟଙ୍କା ପାଉଥିବାବେଳେ ରାଜ୍ୟ ସରକାର ବହୁତ କମ୍ ଟଙ୍କା ଦେଉଛନ୍ତି। ସେହିପରି ଶାରୀରିକ ଅକ୍ଷମ ଏବଂ ଅସହାୟ ବୃଦ୍ଧାବୃଦ୍ଧମାନେ ଭତ୍ତା ପାଇଁ ବ୍ୟାଙ୍କକୁ ଯିବାରେ ହଇରାଣ ହେଉଛନ୍ତି। ତେଣୁ ପୂର୍ବଭଳି ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ଆଣିବା ବ୍ୟବସ୍ଥା କରିବାକୁ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

### ପୁରୁଣା ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

କଣାସ,୨୫।୧୨(ସ୍ୱ.ପ୍ର.): କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ବଡାସ ପଞ୍ଚାୟତ ବୈଦ୍ୟନାଥ ଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡମ୍ବରୁଧର ଛୁଆଳସିଂହ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ୩୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଗୁରୁପୂଜା କରିବା ପରେ ନିଜର ପରିଚୟ ଓ ଜୀବନର ସ୍ମୃତି ବଖାଣି ଥିଲେ। ପ୍ରତି ବର୍ଷ ଏହି ବନ୍ଧୁମିଳନ ଉତ୍ସବକୁ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

### ଭାଜପା ପକ୍ଷରୁ ସୁଶାସନ ଦିବସ ପାଳିତ

ପୁରୀ ଅଫିସ/ ନିମାପଡ଼ା, ୨୫।୧୨ (ଡି.ଏନ୍.ଏ. : ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଭାଜପା ସିଂହଦ୍ୱାର ମଣ୍ଡଳ ପକ୍ଷରୁ ଦୀପଦାନ କରାଯାଇଛି। ସେହିପରି ବୀରନରସିଂହପୁର ମଣ୍ଡଳ ପକ୍ଷରୁ ସୁଶାସନ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ସଭାପତି ମିହିର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପସଭାପତି ଲକ୍ଷ୍ମୀଧର ପ୍ରଧାନ, ସାଧାରଣ ସମ୍ପାଦକ ସତ୍ୟଜିତ ମିଶ୍ର, ଶତ୍ରୁଘ୍ନ ସେଠୀ, କୁମାର ମହାପାତ୍ର, ବସନ୍ତ ଭୋଳ, ଶୁକଦେବ ପ୍ରଧାନ, ଆଶିଷ ଉପାଧ୍ୟାୟ, ରମାକାନ୍ତ ଦାସ, ଗଙ୍ଗାଧର ଡାଙ୍ଗୁଆ, ଜୟନ୍ତ ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ରମା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାଜପା କିପରି ଆଗାମୀ ପଞ୍ଚାୟତ ନିର୍ବାଚନ ଜିତିବ ସେନେଇ ଆଲୋଚନା କରାଯାଇଥିଲା। ସେହିପରି ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସୁଶାସନ ଦିବସ ସମାରୋହ ଓ ସାଙ୍ଗଠନିକ ସମାବେଶ ଶନିବାର ନିମାପଡ଼ା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଯୁବନେତା ଦେବାଶିଷ ଆଚାର୍ଯ୍ୟ, ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ନିରଞ୍ଜନ ମହାପାତ୍ର, ଦିଲୀପ ପାତ୍ର, ମାନସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ତପସ୍ୱିନୀ ବେହେରା, ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ ଓ କ୍ରିୟାଶୀଳ କରିବା, ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା, ଦଳର ବିଜୟ ପାଇଁ ନିଷ୍ଠାର ସହ କାମ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିସହ ଅତିଥିମାନେ ବାଜପେୟୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ସୁଶାସନ ଦିଗରେ ଗୁରୁତ୍ୱାରୋପ କରିଥିଲେ।

# ‘ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମି ଫେରାଅ’

- ଦାବି ରଖିଲେ ଜଟଣୀ ବିଧାୟକ
- ଏପ୍ରିଲ ୧ରେ ନବୀନ ନିବାସ ଘେରାଉ ଚେତାବନୀ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ଦାବି ରଖୁଛନ୍ତି।

୨୦୧୨ ମସିହାରେ ଜଣେ ସେଟେଲମେଣ୍ଟ ଅଫିସର ଜଟଣୀ ମ୍ୟୁନିସିପାଲିଟି ଓ ତା’ର ପାର୍ଶ୍ୱବର୍ତ୍ତୀ ପ୍ରାୟ ୨୬ ଗ୍ରାମର ପୈତୃକ ସ୍ଥିତିବାନ ଭୂସମ୍ପତ୍ତିକୁ ଭୁଲ୍ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେଇଥିଲେ। ସେବେଠାରୁ ଦୀର୍ଘ ୯ ବର୍ଷ ଧରି ନିଜ ଭିଟାମାଟି, ଘରଡିହ ଓ ଜମିଜମାକୁ ପୁନଶ୍ଚ ନିଜ ନାମରେ ଫେରାଇ ଆଣିବା ପାଇଁ ଆମେ ସଂଘର୍ଷ କରି ଆସୁଛୁ। ଭୁଲ୍‌ରେ ଶ୍ରୀଜଗନ୍ନାଥଙ୍କ ନାମରେ ହୋଇଥିବା ଜମିକୁ ଆମକୁ ଫେରାଇ ଦିଅ ବୋଲି ଦାବି କରୁଛୁ। ମାତ୍ର ରାଜ୍ୟ ସରକାର ଆମର ଦୁଃଖକୁ ଶୁଣୁନାହାନ୍ତି ବୋଲି ଜଟଣୀ ବିଧାୟକ ତଥା ଜଟଣୀ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ପ୍ରଜାମଞ୍ଚର ଆବାହକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର ଗୁଆଝରଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ଜଟଣୀବାସୀଙ୍କ ପାଇଁ ବିଜେଡି ସରକାର ବ୍ରିଟିଶ ସରକାର ସଦୃଶ। ରାଜ୍ୟ ସରକାରଙ୍କ ଏଭଳି ଭୁଲ୍ ପାଇଁ ଜଟଣୀ ମ୍ୟୁନିସିପାଲିଟି ଓ ତା’ର ପାର୍ଶ୍ୱବର୍ତ୍ତୀ ଗ୍ରାମ ବେରୁଆଁ, ଭଁସର, ବାଇରଙ୍ଗ, ହରିରାଜପୁର, ବୁଢ଼ାପଡ଼ା, ନିରଞ୍ଜନପୁର, କନ୍ତିଆ, ରଥିପୁର, କୁଶମାଟି, ଛଣଘର, କୁଦିଆରି, ରାମଚନ୍ଦ୍ରପୁରର ଆଦି ୨୬ ଗ୍ରାମର ୨ ଲକ୍ଷ ଲୋକ ୯ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନାର ଅର୍ଥ ଆମ ସ୍କୁଲଘର, ଖେଳପଡିଆ, ଡାକ୍ତରଖାନା, ରାସ୍ତାଘାଟ, ପାଠାଗାର, କମ୍ୟୁନିଟି ସେଣ୍ଟର, ଭାଗବତ ଟୁଙ୍ଗି, ମଶାଣି ଆଦି କୌଣସି କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ। ଜଟଣୀବାସୀଙ୍କ ଦୁଃଖ ସରକାରଙ୍କ ନାଲିଫିତା ତଳେ ଅଟକିଯାଇଛି। ରାଜ୍ୟ ସରକାର ଯଦି ଆମର ସମସ୍ୟାର ସମାଧାନ ନ କରନ୍ତି, ତେବେ ଏପ୍ରିଲ ୧ ରେ ୧୦ ହଜାର କ୍ଷତିଗ୍ରସ୍ତ ଜନସାଧାରଣ ନବୀନ ନିବାସ ଘେରାଉ କରିବେ। ଏହାସତ୍ତ୍ୱେ ନ୍ୟାୟ ନ ମିଳିଲେ ୧ ହଜାର କ୍ଷତିଗ୍ରସ୍ତ ପ୍ରଜା ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୁତି ଦେବେ ବୋଲି ବିଧାୟକ ରାଉତରାୟ ଚେତାବନୀ ଦେଇଛନ୍ତି।

## ଆମ ପଞ୍ଚାୟତ ଆମ ସ୍ୱପ୍ନ କାର୍ଯ୍ୟକ୍ରମ

ଡେଲାଙ୍ଗ,୨୫।୧୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଚାଇଁପୁର ପଞ୍ଚାୟତର ରାଜିବଗାନ୍ଧୀ ସେବା କେନ୍ଦ୍ର ପରିସରରେ ଶନିବାର ଆମ ପଞ୍ଚାୟତ ଆମ ସ୍ୱପ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ପୂର୍ବତନ ସୂଚନା କମିଶନର ଜଗଦା ନନ୍ଦ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଭିଜିଲାନ୍ସ ଡେପୁଟି ଡାଇରେକ୍ଟର ଦିଲୀପ କୁମାର ଛୋଟରାୟ, ଆଇନଜୀବୀ ସୁବାସ ଚନ୍ଦ୍ର ପରିଡା, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଡ.କ୍ଷେତ୍ରବାସୀ ପ୍ରଧାନ, ସୁଜନପୁର ସରପଞ୍ଚ ପ୍ରିୟମ୍ବଦା ରାଉତରାୟ, ,ଆଇନଜୀବୀ ଅନୁପ କୁମାର ପରିଡା, ସଞ୍ଜୟ ରାଉତରାୟ ପ୍ରମୁଖ ଯୋଦେଇଥିଲେ। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଗ୍ରାମ ଓ ପଞ୍ଚାୟତରୁ କୁପୋଷଣ ଦୂରକରିବା, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ପାଇଁ ସଚେତନତା କରାଇଥିଲେ। ଏହିଅବସରରେ ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ପ୍ରବଚକ, ବରିଷ୍ଠ ନାଗରିକ, ପୂର୍ବତନ ଶିକ୍ଷକଙ୍କ ସେମତ ୨୭୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୨୭ରେ ଆଉଏକ ରାଜ୍ୟସ୍ତରୀୟ ପାଇକ ସମାବେଶ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଆସନ୍ତା ୨୭ରେ ଭୁବନେଶ୍ୱରଠାରେ ଆଉଏକ ରାଜ୍ୟସ୍ତରୀୟ ପାଇକ ସମାବେଶ ହେବ। ଓଡ଼ିଶା ବୀର ମହାସଂଘ ପକ୍ଷରୁ ଶନିବାର ଭୁବନେଶରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ଏହି ରାଜ୍ୟସ୍ତରୀୟ ବିଶାଳ ଜନଗର୍ଜନ ପାଇକ ସମାବେଶ ପରିପ୍ରେକ୍ଷୀରେ ମଧ୍ୟାହ୍ନ ୧୨ରେ ମାଷ୍ଟର କ୍ୟାଣ୍ଟିନ ଛକରୁ ଶୋଭାଯାତ୍ରା ବାହାରି ରାମ ମନ୍ଦିର ଛକ ଦେଇ ଏକାମ୍ର ହାଟ ନିକଟରେ ପହଞ୍ଚି। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଯେପର୍ଯ୍ୟନ୍ତ ଏହି ଦାବିଗୁଡ଼ିକ ପୂରଣ ନ ହୋଇଛି, ସେପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଜାରି ରହିବ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ପୁଣି ଦାବିପତ୍ର ପ୍ରଦାନ କରାଯିବ। ଏହା ସତ୍ତ୍ୱେ ଦାବି ପୂରଣ ନ ହେଲେ, ପାର୍ଲାମେଣ୍ଟରେ ରାଲି କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସମାବେଶରେ ଯୋଗଦାନ କରିବାକୁ ଚାହୁଁଥିବା ପାଇକ ଦଳମାନେ ନଂ. ୯୪୩୭୨୮୭୮୦୬ରେ ଯୋଗାଯୋଗ କରିବାକୁ ସେମାନେ ନିବେଦନ କରିଛନ୍ତି। ସେହିପରି ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ଜାନୁୟାରୀ ୨୪ରେ ଦିଲ୍ଲୀର ଲାଲକିଲ୍ଲାଠାରେ ପାଳନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ମହାସଂଘର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି ଓ ସଂଯୋଜକ ଗଣେଶ ସାମନ୍ତ ଉପସ୍ଥିତ ଥିଲେ।



ବଡ଼ଦିନ ପାଇଁ ଶନିବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ଜାମ ଯୋଗୁ ଫସିରହିଥିବା ଗାଡ଼ିମୋଟର।

## ଜାନୁୟାରୀ ୧ରେ ବିଶ୍ୱ ଶାନ୍ତି ପାଇଁ ସମୂହ ପ୍ରାର୍ଥନା




ଖବରଦାତା ସମ୍ମିଳନୀରେ ପ୍ରାର୍ଥନା ଦିବସ ପରିଚାଳନା ସମିତିର କର୍ମକର୍ତ୍ତାମାନେ ।

ପୁରୀ ଅଫିସ, ୨୫।୧୨:

ବିଶ୍ୱ ଶାନ୍ତି ପାଇଁ ଜାନୁଆରୀ ୧ରେ ଶ୍ରୀକ୍ଷେତ୍ରରେ ସାମୂହିକ ପ୍ରାର୍ଥନା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଶନିବାର ପ୍ରାର୍ଥନା ଦିବସ ପରିଚାଳନା ସମିତି ପକ୍ଷରୁ ଘୋଡ଼ା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଶ୍ୱରେ ବିଭିନ୍ନ ଦିବସ ପାଳନ କରାଯାଉଛି। ତେବେ ସବୁ ଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ଥିବା ସତ୍ତ୍ୱେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଉନାହିଁ। ଏଣୁ ପ୍ରତିବର୍ଷ ଜାନୁଆରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବା ପାଇଁ ପ୍ରାର୍ଥନା ଦିବସ ପରିଚାଳନା ସମିତିର ସଭାପତି ତଥା ଦିବ୍ୟ ଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନିବେଦନ କରିଛନ୍ତି। ପ୍ରତିବର୍ଷ ଜାନୁଆରୀ ପହିଲାରେ ଘଣ୍ଟାଟିଏ ବିଶ୍ୱଶାନ୍ତି ପାଇଁ ନିଜ ନିଜ ଇଷ୍ଟଦେବଙ୍କ ପାଖରେ ପ୍ରାର୍ଥନା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଉଦ୍ଦେଶ୍ୟରେ ୨୦୨୨ ଜାନୁଆରୀ ପହିଲାରେ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ସମୂହ ପ୍ରାର୍ଥନାର ଆୟୋଜନ କରାଯାଇଛି। ଏଥିରେ ଜନସାଧାରଣ ସାମିଲ ହେବାକୁ ସେ ନିବେଦନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସମିତି ସମ୍ପାଦକ ସଚ୍ଚିକାନ୍ତ ନାଥ, ମହନ୍ତ ସୁବଳ ଚନ୍ଦ୍ର ଦାସ, ଶରତ ଜୟସିଂ, କାଳିପ୍ରସନ୍ନ ଶତପଥି, ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମହନ୍ତ ସୁଖରାମ ଦାସ, ଏବଂ ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜର ମୁଖ୍ୟ ସ୍ରୋତରେ ଦିବ୍ୟାଙ୍ଗଙ୍କୁ ସାମିଲ ଲାଗି ଆହ୍ୱାନ

କଣାସ,୨୫।୧୨(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବାପ୍ରତିଷ୍ଠାନ ପରିସରରେ ଶନିବାର ଦିବ୍ୟାଙ୍ଗଙ୍କ ଅଭିଭାବକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ପ୍ରଶାସକ କୃଷ୍ଣଚନ୍ଦ୍ର ନିଶଙ୍କ ସଭାପତିତ୍ୱ କରିଥିଲେ। ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ, ଫିଜିଓଥେରାପିଷ୍ଟ ସୁଚରିତା ରାଉତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭୌତିକ ଚିକିତ୍ସା କରାଯାଉଥିବା ବେଳେ ସେମାନେ ସମାଜରେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ସୂଚନା ଦେଇଥିଲେ। ଫିଜିଓଥେରାପିଷ୍ଟ ରାଉତ ଧନ୍ୟବାଦ ଦେଇଥିଲେ।

## ଡବଲ ଲାୟନ୍ସ, ରାଇଜିଂଷ୍ଟାର ବିଜୟୀ

ଡେଲାଙ୍ଗ,୨୫।୧୨(ଡି.ଏନ୍.ଏ.): କଲ୍ୟାଣପୁର ପଞ୍ଚାୟତ କ୍ରିକେଟ ପ୍ରିମିୟର ଲିଗର ଦ୍ୱିତୀୟ ଦିବସରେ ଶନିବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଡବଲ ଡବଲ ଲାୟନ୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ଉଇକେଟ ବିନିମୟରେ ୭୯ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗକୋବ୍ରା ୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ରାଇଜିଙ୍ଗ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଟାଇଗର ୧୨ ଓଭରରେ ୭ ଉଇକେଟ ବିନିମରେ ୧୦୨ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ପୁଷ୍ପରାଜ ପ୍ରଧାନ ଓ ଦ୍ୱିତୀୟ ମ୍ୟାଚରେ ହେମନ୍ତ ପରିଡା ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଜଗନ୍ନାଥ ରାଉତ, ଦୀପ୍ତିରଞ୍ଜନ ନାୟକ, ଗଣେଶ ବରାଳ, ଦେବାଶିଷ ପ୍ରଧାନ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ୫୦ ଏକର ଜମିରେ ମିଠାମକା ଚାଷ ହେବ

**କୃଷକ ଉପଦେଷ୍ଟା ମଣ୍ଡଳୀ ବୈଠକ**

ସାକ୍ଷୀଗୋପାଳ, ୨୫।୧୨(ଡି.ଏନ.ଏ)

କୃଷକ ଉପଦେଷ୍ଟା ମଣ୍ଡଳୀର ଅଷ୍ଟମ ବୈଠକ ଶୁକ୍ରବାର ଆତ୍ମା କମିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆତ୍ମା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରି ଚଳିତ ବର୍ଷ କୃଷକଙ୍କ ଦକ୍ଷତା ବୃଦ୍ଧି ଓ ଅଧିକ ଉପାର୍ଜନ ନିମନ୍ତେ ମତ୍ସ୍ୟ, ଉଦ୍ୟାନ କୃଷି ଏବଂ କୃଷି ବିଭାଗ ପକ୍ଷରୁ ବୈଷୟିକ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ। ପ୍ରାରମ୍ଭରେ ନୂତନ ମୁଖ୍ୟ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା କୃଷି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଆର୍‌ଏମ୍‌ସି ଉପାଧକ୍ଷ ପ୍ରମୋଦ କୁମାର ରାଉତରାୟ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦେବାଶିଷ ରାୟ ଯୋଗଦେଇ କୃଷି ଓ କୃଷକଙ୍କ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ମଣ୍ଡଳ କୃଷି ଅଧିକାରୀ କଲ୍ୟାଣ ରାୟ କାର୍ଯ୍ୟକ୍ରମ ପରିଚାଳନା କରି ଚଳିତ ଋତୁରେ ୫୦ ଏକର ଜମିରେ ମିଠା ମକା ଚାଷ ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ ବିଲିପଡ଼ାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କ୍ଷେତ୍ରୀୟ ବିଦ୍ୟାଳୟ ଖୋଲାଯାଇ ତାଲିମ ଦିଆଯିବ ବୋଲି କହିଥିଲେ। ସେହିପରି ସହକାରୀ ମତ୍ସ୍ୟ ଅଧିକାରୀ ଦ୍ୱାରିକା ନାଥ ଦାସ, ବିଟିଏମ୍ ସୋଲେଶ କୁମାର ଦାସ, ଆତ୍ମା କମିଟି ସଦସ୍ୟ ସୁରେଶ କୁମାର ସାହୁ ଓ ଶରତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## ସରଳ ଶିଶୁ ସାହିତ୍ୟ ରଚନା ଉପରେ ଗୁରୁତ୍ୱ

**ସାରସ୍ୱତ ବନ୍ଧୁମିଳନ, ପୁସ୍ତକ ଲୋକାର୍ପଣ**

ପୁରୀ ଅଫିସ, ୨୫।୧୨:



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

ବଡ଼ଦିନରେ ଶନିବାର ଭଗବତୀ ବିଦ୍ୟା ନିକେତନ ପରିସରରେ ଶିକ୍ଷାଶ୍ରୀ ଶିଶୁ ପାଠାଗାର ପକ୍ଷରୁ ସାରସ୍ୱତ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ମାନସ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ମହେନ୍ଦ୍ର ବିଶୋଇ ପ୍ରାରମ୍ଭିକ ସୂଚନା ଓ କବୟିତ୍ରୀ କ୍ରିଷ୍ଣା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ପାଠାଗାର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ଦାଶଙ୍କ ଶିଶୁଗଳ୍ପ ପୁସ୍ତକ ‘ଦୁଇ ବଣି’ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପ୍ରଶାନ୍ତ କୁମାର ମଙ୍ଗରାଜ ଏହି ପୁସ୍ତକର ସମୀକ୍ଷା କରିଥିଲେ। ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର, ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ଦାଶ, ସତ୍ୟନାରାୟଣ ମିଶ୍ର, ଦୁର୍ଗାବତୀ ପ୍ରଧାନ, କାଶୀନାଥ ମହାପାତ୍ର, ସୁଶାନ୍ତ କୁମାର ସେନାପତି, ବିପିନ ବିହାରୀ ଦଳାଇ, ସୁଶାନ୍ତ କୁମାର ସାମଲ ଏବଂ ପର୍ଶୁରାମ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସରଳ, ସାବଲୀଳ ଶିଶୁ ସାହିତ୍ୟ ରଚନା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ମନଲାଖି ସାହିତ୍ୟ ସୃଷ୍ଟି ଲାଗି ସାହିତ୍ୟିକମାନେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତ ଶିକ୍ଷାବର୍ଷ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇଥିବା ଭଗବତୀ ବିଦ୍ୟାନିକେତନର ଛାତ୍ର ସୌମ୍ୟରଞ୍ଜନ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। କବିତା ମିଶ୍ର, ରାଖେଲ ଦାଶ, ରାକେଶ ଦାଶ, ଶିବପ୍ରସାଦ ମିଶ୍ର, ଲରେନ୍ସ ମାଝି ଏବଂ ଜଳନ୍ଧର ବିଶୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଲକ୍ଷ୍ମୀଧର ମାଝି ଧନ୍ୟବାଦ ଦେଇଥିଲେ।

## ଧବଳେଶ୍ୱର ଗ୍ରାମୀଣ ହାଟ, ପଞ୍ଚାୟତ କାର୍ଯ୍ୟାଳୟ ଲୋକାର୍ପିତ

ଡେଲାଙ୍ଗ,୨୫।୧୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତରେ ଧବଳେଶ୍ୱର ଗ୍ରାମୀଣ ହାଟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଶନିବାର ଲୋକାର୍ପିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ଅତିଥିଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଛନ୍ତି। ପୂର୍ବରୁ ଏହି ହାଟ ଏକ ଖୋଲା ସ୍ଥାନରେ ଚାଲୁଥିବା ବେଳେ ବେପାରୀ ଓ ଲୋକେ ହଇରାଣ ହୋଇଥାନ୍ତି। ଏନେଇ ଚାଷୀମାନେ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ଥାୟୀ ପିଣ୍ଡି ଯୋଗାଇଦେବାକୁ ନିବେଦନ କରିଥିଲେ। ୭ଲକ୍ଷ ଟଙ୍କା ବ୍ୟୟରେ ୧୨ଟି ସ୍ଥାୟୀ ପକ୍କା ପିଣ୍ଡି ନିର୍ମାଣ କରାଯାଇଛି ବୋଲି ସରପଞ୍ଚ ପରିଡା କହିଛନ୍ତି। ସେହିପରି ଚାଇଁପୁର ପଞ୍ଚାୟତ କାର୍ଯ୍ୟାଳୟ ୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ସୂଚନା କମିଶନର ଜଗଦା ନନ୍ଦ, ବିଡିଓ ଦିଲୀପ କୁମାର ଷଡଙ୍ଗୀ, ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ମହିଳା ମିଶନ ଶକ୍ତି ସମ୍ପାଦିକା ବାସନ୍ତୀ ସାହୁ, ସୁଧାକର ମାର୍ଥା, ଅରିସଲ ସରପଞ୍ଚ ରତ୍ନାକର ପ୍ରଧାନ, ଭିଜିଲାନ୍ସ ଡେପୁଟି ଡାଇରେକ୍ଟର ଦିଲୀପ କୁମାର ଛୋଟରାୟ, ସୁବାଶ ଚନ୍ଦ୍ର ପରିଡା, କ୍ଷେତ୍ରବାସୀ ପ୍ରଧାନ, ସୁଜନପୁର ସରପଞ୍ଚ ପ୍ରିୟମ୍ବଦା ରାଉତରାୟ, ଅନୁପ କୁମାର ପରିଡା, ସଞ୍ଜୟ ରାଉତରାୟ, ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।



ଭୁବନେଶ୍ୱର ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତି ଜାଳି ପ୍ରଭୁ ଯିଶୁଙ୍କୁ ଆରାଧନା କରୁଛନ୍ତି।



ଧରାବତରଣ କରିଥିବା ପ୍ରଭୁ ଯିଶୁଙ୍କୁ ସ୍ପର୍ଶ କରି ଜଣେ ଯୁବତୀ ଭକ୍ତି ନିବେଦନ କରୁଛନ୍ତି।



ସମୂହ ପ୍ରାର୍ଥନା ଅବସରରେ ସତ୍ୟନଗର ଚର୍ଚ୍ଚରେ ଫାଦର ଶ୍ରଦ୍ଧାଳୁଙ୍କୁ ପ୍ରଭୁ ଯିଶୁଙ୍କ ବାଣୀ ଶୁଣାଉଛନ୍ତି।